ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ
୨୬ ବର୍ଷରେ
PARYABEKHYAK ପର୍ଯ୍ୟବେକ୍ଷକ
Vol.26 . No.54 Bhubaneswar Tuesday April 02 2024 | ୨୬ତମ ବର୍ଷ ସଂଖ୍ୟା-୫୪ ଭୁବନେଶ୍ୱର, ମଙ୍ଗଳବାର, ଅପ୍ରେଲ ୦୨, ୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ବିଜେଡ଼ି କଳି: ବିଧାୟକଙ୍କ ବିରୋଧରେ ରାଣୀ ମାଆଙ୍କ ଘରେ ମେଳି

ଭୁବନେଶ୍ୱର, ୧ ।୪(ପି.ଏନ): ଖଲ୍ଲିକୋଟ ବିଜେଡି ପ୍ରାର୍ଥୀ କିଏ ହେବେ ? ତାହା ବର୍ତ୍ତମାନ ସୁଦ୍ଧା ଜଣାପଡି ନାହିଁ। ହେଲେ ବିଜେଡି ବିଧାୟିକା ସୂର୍ଯ୍ୟମଣୀ ବୈଦ୍ୟଙ୍କ ବିରୋଧରେ ଦାନା ବାନ୍ଧିଲାଣି ଅସନ୍ତୋଷ। ତାଙ୍କ ବିରୋଧରେ ରାଣୀ ମାଆଙ୍କ ଆବାସରେ ବସିଥିଲା ମେଳି। ଯାହାର ନେତୃତ୍ୱ ନେଇଥିଲେ ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ନିର୍ବାଚନମଣ୍ଡଳୀର ପୁରୁଖା ନେତାମାନେ। ଶହଶହ କର୍ମୀ ଓ ବିଜେଡି କର୍ମକର୍ତ୍ତା ଏକତ୍ର ହୋଇ ସୂର୍ଯ୍ୟମଣୀ ବୈଦ୍ୟଙ୍କ ବିରୋଧରେ ରଣନୀତି ପ୍ରସ୍ତୁତି କରିଛନ୍ତି। ଆଗାମୀ ନିର୍ବାଚନରେ ତାଙ୍କୁ ପ୍ରାର୍ଥୀ କରାଗଲେ ଜୋରଦାର ବିରୋଧ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ରବିବାର ଖଲ୍ଲିକୋଟଙ୍କ ରାଣୀ ସ୍ୱର୍ଗତ ସୁଜ୍ଞାନ କୁମାରୀ ଦେଓଙ୍କ ବାସଭବନରେ ବସିଥିଲା ବୈଠକ। ରାଣୀ ମାଆଙ୍କ ଫଟୋ ରଖି ସମର୍ଥକମାନେ କରିଥିଲେ ବୈଠକ। ବୈଠକରେ ସାଂସଦ ପ୍ରତିନିଧି ତଥା ଜିଲ୍ଲା ବିଜେଡି ସମ୍ପାଦକ ରତ୍ନାକର ସାହୁ, ବିଜେଡି କୋଷାଧ୍ୟକ୍ଷ କାଲୁ ରାମ ମହାରଣା, ଯୁବ ବିଜେଡି ଜିଲ୍ଲା ସମ୍ପାଦକ ନାରାୟଣ ପାଢ଼ୀ, ସକଳେଶ୍ୱର ଦାଶ, ମନୋଜ କୁମାର ପ୍ରଧାନ, ନିରଞ୍ଜନ ନାୟକ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ରାଧାଶ୍ୟାମ ଦୋରା, ଆମ୍ବା ଅଧ୍ୟକ୍ଷ ବିମ୍ବାଧର ତ୍ରିପାଠୀ ସମେତ ବହୁ ବିଜେଡି ନେତା ଓ ଛାମୁଆ କର୍ମୀ ଯୋଗଦେଇଥିଲେ।



## ୪ ଘଣ୍ଟା ପାଇଁ ଶ୍ରୀଜୀଉଙ୍କ ସାଧାରଣ ଦର୍ଶନ ବନ୍ଦ

ପୁରୀ, ୧ ।୪(ପି.ଏନ): ଆଜି ଶ୍ରୀମନ୍ଦିରରେ ୪ ଘଣ୍ଟା ପାଇଁ ବନ୍ଦ ରହିବ ସାଧାରଣ ଦର୍ଶନ । ଶ୍ରୀଜୀଉଙ୍କ ଖସାପଡା ନୀତି ଲାଗି ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଦର୍ଶନ ବନ୍ଦ ରହିବ । ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଶ୍ରୀଜୀଉଙ୍କୁ ଦର୍ଶନ କରିପାରିବେନି ଭକ୍ତ । ଦ୍ୱିତୀୟ ଭୋଗ ମଣ୍ଡପରେ ଭୋଗ ଲାଗି ପରେ ନୀତି ହେବ । ଏହାପରେ ୧୦ ଟା ପରେ ପୁଣିଥରେ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ଅନୁମତି ମିଳିପାରିବ ।ଆଜି ଶ୍ରୀମନ୍ଦିର ମହାପ୍ରଭୁଙ୍କୁ ଖସାପଡ଼ା ନୀତି ସମ୍ପନ୍ନ ହେବ। ଏହା ଶ୍ରୀଜିଉଙ୍କ ଗୁପ୍ତ ସେବା ହୋଇଥିବାରୁ ଏହି ସେବା ସମୟରେ ଠାକୁରଙ୍କ ଦର୍ଶନ ବାରଣ କରାଯାଇଛି । ଖସାପଡ଼ା ନୀତି ମହାପ୍ରଭୁଙ୍କ ଗୁପ୍ତ ସେବା। ଏହି ସମୟରେ ଠାକୁରଙ୍କ ଦର୍ଶନକୁ ବାରଣ କରାଯାଇଥାଏ। ଖସାପଡା ନୀତି ଦ୍ୱାରା ଦାରୁ ବିଗ୍ରହଙ୍କ ଶ୍ରୀଅଙ୍ଗ ସୁରକ୍ଷା ହୋଇଥାଏ । ଦଇତାପତିମାନେ ସେବକମାନେ ଶ୍ରୀବିଗ୍ରହଙ୍କ ଏହି ସେବା ସମ୍ପନ୍ନ କରିବେ । ଦ୍ୱିପହରଧୂପ ପରେ ଠାକୁରଙ୍କ ଏହି ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଥାଏ । ରଥଯାତ୍ରା ଅବସରରେ ଠାକୁରଙ୍କ ଶ୍ରୀଅଙ୍ଗକୁ ବାଧା ପହଞ୍ଚିଥାଏ। ଏଣୁ ଖସାପଡା ନୀତିରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସୁରକ୍ଷିତ ହୁଏ ।

## ହୁତୁ ହୁତୁ ହୋଇ ଜଳିଗଲା ପିଆଜ ବୋଝେଇ ଟ୍ରକ

ଭୁବନେଶ୍ୱର, ୧ ।୪(ପି.ଏନ):ଆଜି ଏକ ପିଆଜ ବୋଝେଇ ଟ୍ରକରେ ନିଆଁ ଲାଗି ଯାଇଛି । ବାରିପଦାରେ ଏହି ଅଘଟଣ ଘଟିଛି । ସେଠାରେ ଏକ ପିଆଜ ବୋଝେଇ ଟ୍ରକରେ ଅଚାନକ ନିଆଁ ଲାଗିଯାଇଥିଲା । ଏନଏଚ୍ ୪୯ ବାଙ୍ଗିରିପୋଷି ଘାଟୀରେ ହୁତୁହୁତୁ ହୋଇ ଜଳିଗଲା ପିଆଜ ବୋଝେଇ ଟ୍ରକ । ଏହି ଘଟଣାରେ ଟ୍ରକ ଡ୍ରାଇଭରଙ୍କ ପତ୍ତା ମିଳୁନାହିଁ । ଅନ୍ୟପକ୍ଷରେ ଅଗ୍ନିକାଣ୍ଡର କାରଣ ବି ଜଣା ପଡିନାହିଁ । ନିଆଁ ଲିଭା କାର୍ଯ୍ୟରେ ଏବେ ୨ଟି ଦମକାଳ ବାହିନୀ ନିୟୋଜିତ ହୋଇଛନ୍ତି ।

## ଶ୍ରୀ ମହେଶ କୁମାର ବେହେରା ପୂର୍ବତଟ ରେଳପଥର କାର୍ଯ୍ୟକାରୀ ମହାପ୍ରବନ୍ଧକ



ଭୁବନେଶ୍ୱର, ୧ ।୪(ପି.ଏନ): ଭାରତୀୟ ରେଳ ଇଞ୍ଜିନିୟର୍ସ ସେବା (ଆଇଆରଏସଇ) ର ଅଧିକାରୀ ଶ୍ରୀ ମହେଶ କୁମାର ବେହେରା ପୂର୍ବତଟ ରେଳପଥର କାର୍ଯ୍ୟକାରୀ ମହାପ୍ରବନ୍ଧକ ଭାବରେ କାର୍ଯ୍ୟ ଭାର ଗ୍ରହଣ କରିଛନ୍ତି ।ଶ୍ରୀ ବେହେରା ୟୁନିଭର୍ସିଟି କଲେଜ ଅଫ୍ ଇଞ୍ଜିନିୟରିଂ ବୁର୍ଲା, ସମ୍ବଲପୁର ଠାରୁ ସିଭିଲ୍ ଇଞ୍ଜିନିୟରିଂରେ ସ୍ନାତକ କରିବା ପରେ ସାମୁଦ୍ରିକ ଇଞ୍ଜିନିୟରିଂରେ ଆଇଆଇଟି ମାଡ୍ରାସରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରି ଭାରତୀୟ ରେଳବାଇରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାର୍ଯ୍ୟକରି ତିନି ଦଶନ୍ଧି ଧରି ବିସ୍ତୃତ ଓ ସମୃଦ୍ଧ ଅଭିଜ୍ଞତା ହାସଲ କରିଛନ୍ତି । ଶ୍ରୀ ବେହେରା ରେଳୱାଇରେ ତାଙ୍କର ସେବା ମଧ୍ୟରେ ପୂର୍ବତଟ ରେଳପଥରେ ଚିଫ୍ ବ୍ରିଜ୍ ଇଞ୍ଜିନିୟର ଏବଂ ଚିଫ୍ ଇଞ୍ଜିନିୟର (ବ୍ରିଜ୍ ପୁନର୍ବାସ) ଭଳି ପ୍ରମୁଖ ପଦବୀରେ କାର୍ଯ୍ୟ କରିଥିଲେ । ଉଲ୍ଲେଖନୀୟ ଭୂମିକାରେ ସେ ରାଇଟ୍ସ, ଭୁବନେଶ୍ୱରରେ ଗ୍ରୁପ୍ ଜେନେରାଲ୍ ମ୍ୟାନେଜର ଏବଂ ପାଟନା ଏବଂ ମୁଙ୍ଗେରରେ ପୂର୍ବ କେନ୍ଦ୍ରୀୟ ରେଳ ଅଧୀନରେ ଥିବା ଗଙ୍ଗା ବ୍ରିଜ୍ ପ୍ରକଳ୍ପର ମୁଖ୍ୟ ଇଞ୍ଜିନିୟର (ନିର୍ମାଣ) ଅନ୍ତର୍ଭୁକ୍ତ । ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପଦବୀ ଗୁଡିକ ମଧ୍ୟରେ ସେ ସମ୍ବଲପୁର ରେଳ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ସମନ୍ୱୟ), ପୂର୍ବତଟ ରେଳପଥର ଉପମୁଖ୍ୟ ସତର୍କତା ଅଧିକାରୀ ଏବଂ ପୂର୍ବ ସୀମାନ୍ତ ରେଳପଥର ମୁଖ୍ୟ ଇଞ୍ଜିନିୟର (ନିର୍ମାଣ) ଇତ୍ୟାଦି କ୍ଷମତାବଳୀ ଗୁଡିକରେ କାର୍ଯ୍ୟରତ ଥିଲେ ।

## ନବୀନ ନିବାସରେ ବିଭିନ୍ନ ସଂଗଠନ ଏବଂ ସମର୍ଥକଙ୍କ ଭିଡ

ଭୁବନେଶ୍ୱର, ୧ ।୪(ପି.ଏନ): ନବୀନ ନିବାସରେ ବିଭିନ୍ନ ସଂଗଠନ ଏବଂ ସମର୍ଥକମାନଙ୍କ ଭିଡ ଦେଖିବାକୁ ମିଳିଛି। ବିଭିନ୍ନ ସଂଗଠନ ପକ୍ଷରୁ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି। ନବୀନ ନିବାସରେ ଶ୍ରମିକ ସଂଗଠନର ବୈଠକ ଶେଷ ହୋଇଛି। ଓଡିଆ ଶ୍ରମିକ ସଂଗଠନ ଏଥର ନିର୍ବାଚନରେ ବିଜୁ ଜନତା ଦଳକୁ ସଂପୂର୍ଣ୍ଣ ସହଯୋଗ କରିବେ। ଏନେଇ ଆଜି ବୈଠକରେ ଆଲୋଚନା ହୋଇଛି ବୋଲି କହିଛନ୍ତି ଶ୍ରମିକ ନେତା ନବକିଶୋର ମହାନ୍ତି। ସେହିପରି ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଗଣ୍ଡସମାଜର ପ୍ରତିନିଧିମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥର ଗଣ୍ଡସମାଜ ନିର୍ବାଚନରେ ସଂପୂର୍ଣ୍ଣ ସହଯୋଗ କରିବେ ବୋଲି କହିଛନ୍ତି। ଯଦି ଗଣ୍ଡସମାଜରୁ କାହାକୁ ଟିକେଟ ମିଳେ ତେବେ ସେମାନେ ନିର୍ବାଚନ ଲଢ଼ିବା ପାଇଁ ମଧ୍ୟ ପ୍ରସ୍ତୁତ ଥିବା କଥା ମଧ୍ୟ କହିଛନ୍ତି।

## ସକାଳୁଆ ହେବ ଅଙ୍ଗନବାଡି ସ୍କୁଲ, ରାଜ୍ୟ ସରକାରଙ୍କ ନିଷ୍ପତ୍ତି



ଭୁବନେଶ୍ୱର, ୧ ।୪(ପି.ଏନ): ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସମସ୍ତ ଅଙ୍ଗନବାଡି ସ୍କୁଲ ସକାଳୁଆ ହେବା ନେଇ ନିଷ୍ପତ୍ତି ନେଇଛନ୍ତି । ସକାଳ ୭ଟାରୁ ଦିନ ୧୧ଟା ୩୦ଯାଏଁ ଚାଲିବ ରାଜ୍ୟର ସମସ୍ତ ଅଙ୍ଗନବାଡି ସ୍କୁଲ । ଏହା ପୂର୍ବରୁ ଏପ୍ରିଲ ୨ରୁ ପ୍ରଥମରୁ ଦ୍ୱାଦସ ଶ୍ରେଣୀ ଯାଏଁ ସକାଳ ୭ଟାରୁ ପୂର୍ବାହ୍ନ ୧୧ଟା ୩୦ ଯାଏଁ ପାଠପଢ଼ା ଯିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଥିଲା । ସାରା ଓଡିଶାରେ ଏବେ ଗ୍ରୀଷ୍ମପ୍ରବାହ ବଢିବାରେ ଲାଗିଛି । ରାଜ୍ୟରେ ଅସହ୍ୟ ଗରମ ଏବଂ ତାତିରେ ରାଜ୍ୟବାସୀ ଆଉଟୁ ପାଉଟୁ ହେଉଛନ୍ତି । ରାଜ୍ୟରେ ବର୍ତ୍ତମାନ ପ୍ରବଳ ଗରମ ସହ ଗୁଳୁଗୁଳି ଅନୁଭୂତ ହେଉଛି । ଟ୍ୱିନ ସିଟି କଟକ ଏବଂ ଭୁବନେଶ୍ୱରରେ ବୃଦ୍ଧି ପାଇଛି ତାପମାତ୍ରା । ସକାଳ ୧୦ଟା ସୁଦ୍ଧା କଟକରେ ସର୍ବାଧିକ ତାପମାତ୍ରା ରେକର୍ଡ କରାଯାଇଛି । କଟକରେ ଆଜି ଦିନର ତାପମାତ୍ରା ୩୨.୫ ଡିଗ୍ରୀ ଛୁଇଁଛି । ତେବେ ଖରା ଓ ତାତି ବଢୁଥିବା ବେଳେ ଗ୍ରୀଷ୍ମ ପ୍ରବାହକୁ ନେଇ ସତର୍କ କରାଇଛନ୍ତି ମୁଖ୍ୟ ଶାସନ ସଚିବ । ଅଂଶୁଘାତ ଏବଂ ଡାଇରିଆ ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହାସହିତ ସ୍ୱାସ୍ଥ୍ୟ ଓ ଅଗ୍ନିଶମ ବିଭାଗକ ମଧ୍ୟ ସତର୍କ ରହିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି ।

## ଆରପାରିରେ ସୁନାମଧନ୍ୟ କଣ୍ଠଶିଳ୍ପୀ ଶାନ୍ତିଲତା ବାରିକ ଛୋଟରାୟ



ଭୁବନେଶ୍ୱର, ୧ ।୪(ପି.ଏନ): ଓଡିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଶାନ୍ତିଲତା ବାରିକ ଛୋଟରାୟଙ୍କ ପରଲୋକ ହୋଇଛି। ଭୁବନେଶ୍ୱରରେ ଥିବା ଏକ ଘରୋଇ ହସ୍ପିଟାଲ୍ ?ରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ବିୟୋଗ ହୋଇଛି। ଆସନ୍ତାକାଲି ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯିବ। ଏ ନେଇ ସୂଚନା ଦେଇଛନ୍ତି ତାଙ୍କ ସ୍ୱାମୀ ବସନ୍ତ କୁମାର ଛୋଟରାୟ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

## ଏପ୍ରିଲ ୨ରୁ ୪ ଦିନିଆ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅନୁଗୁଳ ଜିଲ୍ଲା ଗସ୍ତ



ଅନୁଗୁଳ/ତାଳଚେର, ୧ ।୪(ପି.ଏନ): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏପ୍ରିଲ ୨ ମଙ୍ଗଳବାର ଦିନ ଠାରୁ ୪ ଦିନିଆ ଅନୁଗୁଳ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ରହିଛି ।୨ ଏପ୍ରିଲ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଦିନ ୧୨ ଟାରେ ଅନୁଗୁଳ ଜିଲ୍ଲା ତାଳଚେର ଦିନଦୟାଲ ନଗର ରେ ପହଂଚିବେ, ସେଠାରୁ ଦିନ ୨ ଟାରେ କଣିହାଁ ବ୍ଲକ ଗସ୍ତ କରି ନାଲମ ଗ୍ରାମରେ ପ୍ରଭୁ ନୃସିଂହ ଠାକୁର ଙ୍କର ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିବେ ।ସେଠାରୁ ଅନୁଗୁଳ ଯାଇ ରାତ୍ରୀ ଯାପନ କରିବେ ।୩ ଏପ୍ରିଲ ଶ୍ରୀ ପ୍ରଧାନ ଅନୁଗୁଳ ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବେ ।ପୁନଶ୍ଚ ୪ ଏପ୍ରିଲ ରେ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଶ୍ରୀ ପ୍ରଧାନ ଦିନ ତମାମ ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟକ୍ରମରେ ଯୋଗ ଦେବେ ।ଅନୁଗୁଳ ରେ ରାତ୍ରୀ ଯାପନ କରିବା ସହ ୫ ଏପ୍ରିଲ ବଇଂଣ୍ଡା ରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ସହ ସମ୍ବଲପୁର ରେ ରାତ୍ରିଯାପନ କରିବାର କାର୍ଯ୍ୟକ୍ରମ ରହିଛି ।କେନ୍ଦ୍ରମନ୍ତ୍ରୀ ଙ୍କର ଉକ୍ତ ଗସ୍ତ କାର୍ଯ୍ୟକ୍ରମ ପାଇଁ ବିଜେପି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି ବୋଲି ଜିଲ୍ଲା ସଭାପତି ଡିଲେଶ୍ୱର ପ୍ରଧାନ ପ୍ରକାଶ କରିଛନ୍ତି।

## ୪୦ ଡିଗ୍ରୀ ଛୁଇଁଲା ୮ ସହର ତାତି



ଭୁବନେଶ୍ୱର, ୧ ।୪(ପି.ଏନ): ୨୪ ଘଣ୍ଟା ପରେ ରାଜ୍ୟରେ ପୁଣି ବଢ଼ିଛି ତାତି। ଆଜି ଅସମ୍ଭାଳ ହୋଇଛି ସ୍ଥିତି। ୮ ସହର ତାପମାତ୍ରା ୪୦ ଡ଼ିଗ୍ରୀ ଛୁଇଁଛି। ପଶ୍ଚିମ ଓଡିଶାର ଝାରସୁଗୁଡା ଓ ଉତ୍ତର ଓଡିଶାର ବାରିପଦାରେ ସର୍ବାଧିକ ତାତି ରେକର୍ଡ କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏନେଇ ସତର୍କ ସୂଚନା ଜାରି କରିଛି ।ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ବାଲେଶ୍ୱରେ ୩୮.୫ ଡ଼ିଗ୍ରୀ, ଚାନ୍ଦବାଲିରେ ୩୯.୬ ଡିଗ୍ରୀ, କଟକରେ ୩୯.୪ ଡିଗ୍ରୀ, ପାରାଦୀପରେ ୩୩.୧ ଡିଗ୍ରୀ, ଭୁବନେଶ୍ୱରରେ ୩୯.୪ ଡିଗ୍ରୀ, ଗୋପାଳପୁରରେ ୩୧.୮ ଡିଗ୍ରୀ, କେନ୍ଦୁଝରରେ ୩୮.୦ ଡିଗ୍ରୀ, ସମ୍ବଲପୁରରେ ୩୮.୮ ଡିଗ୍ରୀ ଓ ସୁନ୍ଦରଗଡରେ ତାପମାତ୍ରା ୩୮.୯ ଡିଗ୍ରୀ ରେକର୍ଡ କରାଯାଇଛି।

## ଜିଲ୍ଲା ସ୍ତରୀୟ ୮୯ ତମ ଓଡ଼ିଶା ଦିବସ ପାଳନ

ସମ୍ବଲପୁର, ୧ ।୪(ପି.ଏନ): ପ୍ରତିବର୍ଷ ଭଳି ସମ୍ବଲପୁର ଜିଲ୍ଲା ପ୍ରଶାସନ ର ସୂଚନା ଓ ଲୋକ ସଂପର୍କ ବିଭାଗ ଦ୍ୱାରା ଜିଲ୍ଲା ସ୍ତରୀୟ 'ଓଡ଼ିଶା ଦିବସ' ଆଦର୍ଶ ଆଚରଣ ବିଧି ଅନୁପାଳନ କରିବା ସଙ୍ଗେ ମହାଆଡମ୍ବର ସହକାରେ ପାଳନ କରାଯାଇଛି । ଏଇ ଦିବସ ଅବସର ରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ , ସରକାରୀ କର୍ମଚାରି, ବୁଦ୍ଧିଜୀବୀ, ପ୍ରିଣ୍ଟ ଓ ମିଡିୟା ବନ୍ଧୁ ଗଣ ଆଦିଙ୍କୁ ସାମିଲ କରି ଓଡ଼ିଶା ଦିବସ ପାଳନର ତାତ୍ପର୍ଯ୍ୟ ଏବଂ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ କରିବାରେ ବରପୁତ୍ରମାନଙ୍କର ଅବଦାନ ସ୍ମରଣ କରିବା ଉଦ୍ଦେଶ୍ୟରେ ସମ୍ବଲପୁର ର ଜିଲ୍ଲା ପ୍ରଶାସନ ତରଫରୁ ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା । ଉକ୍ତ ସଭା ରେ ଜିଲ୍ଲାପାଳ ଶ୍ରୀ ଅକ୍ଷୟ ସୁନୀଲ ଅଗ୍ରୱାଲ(ଆଇ.ଏ.ଏସ) ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ, ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଅଜାମ୍ବର ମହାନ୍ତି ଓ ସନ୍ମାନନୀୟ ଅତିଥି ଭାବେ ଏସ.ଏମ.ସୀ କମିଶିନର ଶ୍ରୀ ବେଦ ଭୂଷଣ (ଆଇ.ଏ.ଏସ) ଙ୍କ ସମେତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଧର୍ମେନ୍ଦ୍ର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ସୂଚାରୁ କୁମାର ବଳ ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭରେ ଅତିଥିଙ୍କ ଦ୍ୱାରା ଓଡିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଠନ କରିବା ପାଇଁ ସଂଗ୍ରାମ କରିଥିବା ବୀରପୁତ୍ରଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ, ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ସେମାନଙ୍କ ଅବଦାନକୁ ସ୍ମରଣ କରି କୃତଜ୍ଞତାର ଶ୍ରଦ୍ଧାଞ୍ଜଳି ଦେବାପରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଶିଶୁ ମନ୍ଦିର ବିଦ୍ୟାଳୟ ର କୁନି କୁନି ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଏହି ବୈଠକ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ଜିଲ୍ଲାପାଳ ଶ୍ରୀ ଅକ୍ଷୟ ସୁନିଲ ଅଗ୍ରୱାଲ(ଆଇ.ଏ.ଏସ) ନିଜର ବକ୍ତବ୍ୟ ରେ ଓଡିଶା କୁ ଏକ ଉତ୍କର୍ଷ କଳା ର ରାଜ୍ୟ ଉତ୍କଳ ବୋଲି କହି ଉନ୍ମୋଦନ କରିଥିଲେ,ଓଡିଶା କଳା ଓ ସଂସ୍କୃତି ରେ ଧନ ଧନ୍ୟ ବୋଲି ନିଜର ଅଭିଜ୍ଞତା ରୁ ମଧ୍ୟ ପ୍ରକାଶ କରିଥିଲେ ଏବଂ ଏହା ସହ କଳା ଓ ସଂସ୍କୃତି କୁ ଆଧାର କରି ଓଡିଶା କୁ କିପରି ଉନ୍ନତି ର ଦିଗରେ ଆଗେଇ ନିଆ ଯାଇପାରିବ ସେ ବିଷୟରେ ସରକାରୀ କର୍ମ ଚାରି ମାନଙ୍କୁ ଆହ୍ୱାହନ ଦେଇଥିଲେ। ଏହା ପରେ ଶ୍ରୀ ଅଜାମ୍ବର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଦୀର୍ଘ ୮୮ ବର୍ଷ ତଳେ ସ୍ୱାଧୀନ ପୂର୍ବ ଭାରତ ବର୍ଷରେ ଭାଷା ଭିତ୍ତିକ ଏକ ରାଜ୍ୟ ଗଠନ ତଥା ଗୋଟିଏ ପଟେ ଦେଶର ସ୍ୱାଧୀନତା ଲାଗି ଲଢେଇ ଓ ତାରି ଭିତରେ ନିଜର ସ୍ୱତନ୍ତ୍ର ପରିଚୟ ରକ୍ଷା ସହ ନିଜ ଭାଷାର ସୁରକ୍ଷା ପାଇଁ ହୋଇଥିବା ବଡ ସଂଗ୍ରାମରେ ଆମ ମହାନ ବରପୁତ୍ର ମାନେ କିଭଳି ସଂଘର୍ଷ କରି ଆମକୁ ଏହି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ବା ଓଡିଶା ରାଜ୍ୟ ଉପହାର ଦେଇଥିଲେ ସେବିଷୟରେ ଆଲୋକପାତ କରିଥିଲେ ଓ ଏବଂ ଅନ୍ୟ ଅଥିତି ବୃନ୍ଦ ମଧ୍ୟ ବର୍ତମାନ ସମୟରେ ଦେଖା ଯାଉଥିବା ଓଡିଆ ଭାଷା ର ସଙ୍କଟ ର ନିରାକରଣ ଓ ଓଡିଆ ଭାଷା ର ମର୍ଯ୍ୟାଦା କିପରି ବଞ୍ଚ ?ଇ ରଖିବା ସେ ବିଷୟରେ ନିଜ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଓ ଉକ୍ତ କାର୍ଯ୍ୟକ୍ରମ ରେ ସ୍ୱାଗତ ଭାଷଣ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶୁଶ୍ରୀ ସଞ୍ଜୁକ୍ତା କୁଲୁ ଙ୍କ ଦ୍ୱାରା ,ଧନ୍ୟବାଦ ଅର୍ପଣ ଡେପୁଟି କଲେକ୍ଟର ଶୁଶ୍ରୀ ରସ୍ମା ଭୋଇ ଙ୍କ ଦ୍ୱାରା କରାଯାଇଥିବା ବେଳେ ଶ୍ରୀ ବିରୁପାକ୍ଷ ପ୍ରଧାନ ଙ୍କ ଦ୍ୱାରା ସଭା କାର୍ଯ୍ୟ ପରିଚାଳନା କରା ଯାଇଥିଲା। ଏହି ଦିବସ ରେ ପ୍ରଥମେ ସକାଳ ୬.୩୦ ଘଟିକା ସମୟ ରେ ଜିଲ୍ଲାପାଳ ଶ୍ରୀ ଅକ୍ଷୟ ସୁନୀଲ ଅଗ୍ରୱାଲ(ଆଇ.ଏ.ଏସ) ସହ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶ୍ରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଶ୍ରୀ ସୂଚାରୁ କୁମାର ବଳ , ଏସ.ଏମ.ସୀ କମିଶିନର ଶ୍ରୀ ବେଦ ଭୂଷଣ (ଆଇ.ଏ.ଏସ) ଓ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଧର୍ମେନ୍ଦ୍ର ମଲ୍ଲିକ, ଉପସ୍ଥିତ ରହି ଜିଲ୍ଲା ରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ।

## ସିଦ୍ଧାନ୍ତ, ଅରିନ୍ଦମ ଓ ଆକାଶଙ୍କ ପରେ ବିଜେପିରେ ଯୋଗ ଦେଲେ ଅନୁଭବ

ଭୁବନେଶ୍ୱର, ୧ ।୪(ପି.ଏନ): କେନ୍ଦ୍ରାପଡା ସାଂସଦ ତଥା ଲୋକପ୍ରିୟ ସିନେ ତାରକା ଅନୁଭବ ମହାନ୍ତି ଆଜି ବିଧିବଦ୍ଧ ଭାବେ ବିଜେପିରେ ଯୋଗ ଦେଇଛନ୍ତି। ଆଜି ଦିଲ୍ଲୀ ବିଜେପି କାର୍ଯ୍ୟାଳୟରେ ଦଳରେ ସାମିଲ ହୋଇଛନ୍ତି ଅନୁଭବ। ଦଳର ବରିଷ୍ଠ ନେତା ବିନୋଦ ତାୱଡ ଅନୁଭବ ମହାନ୍ତିଙ୍କୁ ଦଳରେ ସ୍ୱାଗତ କରିଛନ୍ତି। ଦୁଇ ଦିନ ତଳେ ଅନୁଭବ ବିଜେଡିରୁ ଇସ୍ତଫା ଦେଇଥିଲେ। ବିଜେଡିରୁ ଇସ୍ତଫା ଦେବା ପରେ ଅନୁଭବ କେଉଁ ଦଳକୁ ଯିବେ ତାହାକୁ ନେଇ ସସପେନ୍ସ ଲାଗି ରହିଥିଲା। କିନ୍ତୁ ଆଜି ଅନୁଭବ ବିଜେପିରେ ମିଶିଛନ୍ତି। କେନ୍ଦ୍ରାପଡା ସାଂସଦ ଅନୁଭବ ମହାନ୍ତି ନିଜର ଇସ୍ତଫାପତ୍ର ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ପାଖକୁ ପଠାଇଥିଲେ। ସେ ବିଜେପିରେ ଯୋଗ ଦେବା ନେଇ ଚର୍ଚ୍ଚା ଚାଲିଥିଲା।



## ପହଁରା ଶିଖିବା ହେଲା କାଳ : କେଲୁଅ ନଦୀରେ ବୁଡ଼ି ଯୁବକ ନିଖୋଜ

ଧର୍ମଶାଳା, ୧।୪(ପିଏନ୍): ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ କେଲୁଅ ନଦୀରେ ବୁଡ଼ିଯାଇ ଦେଓଦା ପଂଚାୟତ ସ୍ୱାଇଁସାହି ଗ୍ରାମର ରାହୁଲ ବିଶ୍ୱାଳ(୨୦) ନିଖୋଜ ହୋଇ ଯାଇଛନ୍ତି । ସେ ଜଣେ ମାନସିକ ଅନଗ୍ରସର ଯୁବକ ଅଟନ୍ତି । ଗ୍ରାମର ଅନ୍ୟ ଜଣେ ଯୁବକ ତାଙ୍କୁ ପହଁରା ଶିଖାଇ ଦେବାକୁ କହି ପାଣି ଭିତରକୁ ଟାଣି ନେଇଥିଲେ । ଫଳରେ ସେ ଗଭୀର ପାଣି ସ୍ରୋତରେ ଭାସି ଯାଇଛନ୍ତି । ଖବର ପାଇ ରସୁଲପୁର ଅଗ୍ନିଶମ ବାହାନୀ କର୍ମଚାରୀ ପହଁଚି ବହୁ ଖୋଜାଖୋଜି କରିଥିଲେ ମଧ୍ୟ ସଂଧ୍ୟା ସୁଦ୍ଧା ରାହୁଲଙ୍କ କୌଣସି ସନ୍ଧାନ ମିଳିନାହିଁ । ପ୍ରକାଶ ଯେ, ସ୍ୱାଇଁସାହିର ନନ୍ଦକିଶୋର ବିଶ୍ୱାଳଙ୍କ ପୁଅ ରାହୁଲ ଆଜି ଦିନ ପ୍ରାୟ ୧ଟାରେ ଘର ନିକଟ କେଲୁଅ ନଦୀକୁ ଅନ୍ୟ ୨ଜଣ ଯୁବକଙ୍କ ସହିତ ଗାଧୋଇବାକୁ ଯାଇଥିଲେ । ପହଁରା ଶିଖାଇ ଦେବାକୁ କହି ଅନ୍ୟ ଜଣେ ଯୁବକ ରାହୁଲଙ୍କୁ ପାଣି ଭିତରକୁ ଟାଣି ନେଇଥିଲେ । ଏହି ସମୟରେ ସେ ଯୁବକଙ୍କ ହାତରୁ ଖସି ଯାଇଥିଲେ।

## ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଉତ୍କଳ ଦିବସ ପାଳନ

ଭୁବନେଶ୍ୱର, ୧ ।୪(ପି.ଏନ): ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଉତ୍କଳ ଦିବସ ପାଳନ କରାଯାଇଥିଲା। ଏହି ଅବସରରେ କଂଗ୍ରେସ ଭବନ ପରିସରରେ ଥିବା ମହାମନିଷ ମାନଙ୍କର ପ୍ରତିମୁର୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଉତ୍କଳ ଗୌରବ ମଧୁସୁଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ଫକୀର ମୋହନ, ହରେକୃଷ୍ଣ ମହାତାବ୍, କୃଷ୍ଣଚନ୍ଦ୍ର ଗଜପତି, ପଣ୍ଡିତ ନିଳକଣ୍ଠ ପ୍ରଭୃତିଙ୍କର ଅବଦାନକୁ ସ୍ମରଣ କରାଯାଇଥିଲା। ଓଡ଼ିଶାର ସୀମା ଟପି ପଡୋଶୀ ରାଜ୍ୟ ପକ୍ଷରୁ ଯେଉଁ ଜବର ଦଖଲ ଚାଲିଛି ତାହାର ଦୃଢ଼ ନିନ୍ଦା କରିବା ସହ ଓଡ଼ିଶା ସରକାର ଏ ଦିଗରେ ତତ୍ପରତା ପ୍ରକାଶ କରିନଥିବାରୁ କ୍ଷୋଭ ପ୍ରକାଶ କରାଯାଇଥିଲା ।ଏହି କାର୍ଯ୍ୟକର୍ମରେ ବିଧାୟକ ସୁରେଶ କୁମାର ରାଉତରାୟ, ମନୋରନ ଦାସ, ଲିଙ୍ଗରାଜ ଦାସ, ପ୍ରକାଶ ମିଶ୍ର, ରଜନୀ ମହାଁ, ଚିନ୍ମୟ ସୁନ୍ଦର ଦାସ ଓ ମିହିର ଆଚାର୍ଯ୍ୟ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।




# ବିବାହ ଏକ ସାମାଜିକ ରାଜିନାମା



ପ୍ରଜନନ ଏବଂ ବଂଶରକ୍ଷା ଜୀବମାନଙ୍କର ଏକ ବିଶେଷ ଲକ୍ଷଣ। ତେବେ ଉଦ୍ଭିଦ ଏବଂ କେତେକ ପ୍ରାଣୀଙ୍କ କ୍ଷେତ୍ରରେ ପ୍ରଜନନ ଓ ବଂଶାନୁକ୍ରମିକ ବା ଉତ୍ତରାଧିକରଣ ପ୍ରକ୍ରିୟାରେ ଭିନ୍ନତା ପରିଲିଖିତ ହୁଏ। ଏଥିପାଇଁ ଜଳ, ବାୟୁ, କୀଟ ପତଙ୍ଗ ମାଧମରେ ସଂଗମ ଦ୍ୱାରା ଅଥବା କାଣ୍ଡ, ପତ୍ର, ମୂଳ ବା ମଞ୍ଜିଦ୍ୱାରା ବଂଶରକ୍ଷା ସମ୍ଭବ ହୋଇଥାଏ। କେତେକ ପ୍ରାଣୀର ଦେହାବଶେଷ ବା ଅଙ୍ଗବିଶେଷ ଦ୍ୱାରା ବଂଶ ବୃଦ୍ଧି ଘଟିଥାଏ। କେତେକ ପକ୍ଷୀ ଅଣ୍ଡାଦେଇ ନିଜେ ଫୁଟାଇ ଶାବକ ସୃଷ୍ଟି କଲାବେଳେ, ଆଉ କେତେକ ଅଣ୍ଡା ଫୁଟାଇବା ପାଇଁ ଅନ୍ୟ କାହା ଉପରେ ନିର୍ଭର କରିଥାନ୍ତି। ଏମିତି ପ୍ରାଣୀ ବା ଉଦ୍‌ଭିଦମାନେ ବଂଶାନୁକ୍ରମିକ ଗଡ଼ାଇ ଚାଲନ୍ତି।

ମଣିଷ ଏକ ସାମାଜିକ ପ୍ରାଣୀ। ସମାଜରେ ଜନ୍ମନେବା, ବଢ଼ିବା ଏବଂ ବଂଚିବା ତା'ର ସହଜାତ ପ୍ରବୃତି। ସେ କେବେ ବି ସ୍ୱୟଂ ସଂପୂର୍ଣ୍ଣ ନୁହେଁ। ତା'ର ଶୈଶବରେ ବଂଚିବାର ସହୟତା ଯେମିତି ଅଛି, ତା ବାର୍ଦ୍ଧକ୍ୟରେ ମଧ୍ୟ ସେହି ସହାୟତାର ଜରୁରତ୍ ଅଛି। ଏଥିପାଇଁ ପାରିବାରିକ ଏବଂ ସାମାଜିକ ଦୃଷ୍ଟିକୋଣରୁ ବଂଚିବାରେ ଏବଂ ଏ ବନ୍ଧନ ମଧୁମୟ ହେବ। ଏକଥା ଜାଣିବା ଉଚିତ୍ ଯେ ବିବାହ କେବଳ ପ୍ରେମ ସର୍ବସ୍ୱ ନୁହେଁ। ଏଥିରେ ଜନିତା ଯତ୍ନ, ବାତ୍ସଲ୍ୟ ମମତା ଠାରୁ ଆରମ୍ଭ କରି ଯାବତୀୟ ରସ ଓ ସୁଖ ଭରି ରହିଛି। ପାର୍ଥୀବ ଜୀବନରେ ଏହା ସବୁର ଉର୍ଦ୍ଧ୍ୱରେ।

ଅନେକ ସମୟରେ ଯୌବନେ ମର୍କଟୀ/ମର୍କଟ ସୁନ୍ଦର ପରି ସାମୟିକ ବୟସର ମୋହରେ ଯେଉଁ ତ୍ରୁଟି ହୁଏ, ସେଥିପାଇଁ ସାରାଜୀବନ ପସ୍ତେଇବାକୁ ପଡ଼େ। ପର ମୁହୂର୍ତ୍ତରେ ଛାଡ଼ପତ୍ର, ଆତ୍ମହତ୍ୟା ବା ବଧୂ ନିର୍ଯ୍ୟାତନା ପରି ଅନେକ ଦୁଃଖଦ କଥା ଘଟିଥାଏ। ସେଇଥିପାଇଁ କୁହାଯାଏ ବିବାହର ଏକ ପିଲାଖେଳ ନୁହେଁ। ଏଥିପାଇଁ ଉଭୟ ପରିବାରକୁ ସୁସ୍ଥ ମସ୍ତିସ୍କରେ ନିଷ୍ପତ୍ତି ନେବାକୁ ହୁଏ।

ଏବେ ଭିନ୍ନ ଶୈଳୀର ବିବାହ ନକରି ଦାମ୍ପତ୍ୟ ଜୀବନ କଟାଇବାର ଦେଖାଯାଏ ଯାହାର ଭିନ୍ନ ନାମ ଲିଭ୍-ଇନ୍-ରିଲେସନ୍। ଏହା ଏକ ସାମାଜିକ ସ୍ୱୀକୃତିନାମା ନଥିବା ହେତୁ, ଏହିପରି ଜୀବନଯାପନ ପାଇଁ ଭାରତର ପିଙ୍ଗଳକୋର୍ଟରେ ସ୍ୱତନ୍ତ୍ର ନିୟମ ବା ସର୍ତ୍ତ ଅଛି। ତେବେ ଏପରି ସଂପର୍କକୁ ଏକ ସୃଷ୍ଟିଛଡ଼। ଜୀବନ କୁହନ୍ତି



ସୃଷ୍ଟିରେ ସହଯୋଗ ଓ ସହାୟତାର ଆବଶ୍ୟକତା ଅଛି। ଏମିତିରେ ବଂଚିବାରେ ଏକ ସାମାଜିକ ଶୃଙ୍ଖଳ ଅଛି। ପରସ୍ପର ସହଯୋଗରେ ଯେଉଁଠି ମଣିଷ ବଂଚେ, ତାହାହିଁ ପରିବାର। ପରିବାର ହିଁ ସୃଜନ ଏବଂ ବଂଶାନୁକ୍ରମିକ ଚାଲୁରଖିବାର ପ୍ରଧାନ କେନ୍ଦ୍ର। ସମସ୍ତ ଲୋକ ଯେଉଁଠି ଶୃଙ୍ଖଳାତାର ସହ ଚଳପ୍ରଚଳ ହୁଅନ୍ତି, ତାହାହିଁ ସମାଜ। ସମାଜ ଓ ବ୍ୟକ୍ତି ପରସ୍ପର ପରିପୂରକ। ସମାଜବ୍ୟକ୍ତି ପାଇଁ ଦର୍ପଣ। ସମାଜ ଭିତରେ ବ୍ୟକ୍ତିଟିଏ ଆତ୍ମ ପ୍ରକାଶ କରେ। ଅନ୍ୟପକ୍ଷରେ ବ୍ୟକ୍ତି ନଥିଲେ ସମାଜ ନାହିଁ।

ବିବାହ ଏକ ସାମାଜିକ ବନ୍ଧନ ଏବଂ ଆବଶ୍ୟକତା। ସାମାଜିକ ବନ୍ଧନରୁ ପରିବାରଟିଏ ସୃଷ୍ଟି। ବିବାହର ଅନ୍ୟନାମ ଏକ ସାମାଜିକ ସ୍ୱକୃତି ବା ରାଜିନାମା (କୋକ ନଟ ବଣ୍ଡ)। ଏ ରାଜିନାମା ଦାମ୍ପତ୍ୟ ବା ଶାରୀରିକ ପ୍ରେମ ଅପେକ୍ଷା ସୃଜନ ସୁଖ ପାଇଁ ଅଧିକ ଉଦ୍ଦିଷ୍ଟ। ଭାରତୀୟ ସଭ୍ୟତାର ଏକ ଶୃଙ୍ଖଳିତ ପାରିବାରିକ ଓ ସାମାଜିକ ଜୀବନପାଇଁ ଏହା ଏକ ଜୀବନବ୍ୟାପୀ ବା ଦୀର୍ଘସ୍ଥାୟୀ ବ୍ୟବସ୍ଥା। ଏପରି ସ୍ଥଳେ, ଏ ବ୍ୟବସ୍ଥାରେ ପ୍ରେମୀଯୁଗଳ ବା ଦାମ୍ପତ୍ୟଜୀବନ ଯାପନ କରିବାକୁ ଯାଉଥିବା ଯୁବକ ବା ଯୁବତୀ ବନ୍ଧନପୂର୍ବରୁ ନିଜେ ସ୍ଥିର ନିଶ୍ଚିତ ହୁଅନ୍ତୁ ଅଥବା ତାଙ୍କ ପିତାମାତାମାନେ ସ୍ଥିର ନିଶ୍ଚିତ କରାନ୍ତୁ ଯେ ଯେଉଁଥିପାଇଁ ଭବିଷ୍ୟତରେ କେହି ପଛକୁ ନଥାନ୍ତି ଏବଂ ଅଧିକ ଥାଏ ହତାଶା ଭାବ। ଏଥିରେ ଛାଡ଼ପତ୍ର ଓ କଳହ ଅନେକ। ଏହା ଏକ ଦୁଃଶ୍ଚିନ୍ତାର ଘର। ଏଥିରେ ଭବିଷ୍ୟପିଢ଼ୀ ରହିଯାଆନ୍ତି ଅନ୍ଧକାର।

ବିବାହ ଏକ ସାମାଜିକ ସ୍ୱୀକୃତି ନାମା ହେତୁ ପ୍ରାଶ୍ଚାତ୍ୟ ରାଷ୍ଟ୍ରମାନଙ୍କରେ ଏହାର ଏକ ସ୍ୱଳ୍ପ ବା ଦୀର୍ଘ ସ୍ଥାୟୀ ବ୍ୟବସ୍ଥା ଥିଲାବେଳେ ଭାରତପରି କେତେକ ଦେଶରେ ଏହା ଏକ ଆମରଣ ବା ଚିରନ୍ତନୀ ବ୍ୟବସ୍ଥା। ଏହା ନିଶ୍ଚିତ ଭାବରେ ସବୁଦିନ ପାଇଁ ଦୁଃଖ ସୁଖର ଏକ ସହଭାଜନ ପ୍ରକ୍ରିୟା। ଅବଶ୍ୟ ସ୍ଥାନୀୟ ପରମ୍ପରା ବା ଚଳଣି ନେଇ ପୁରୁଷ ଓ ସ୍ତ୍ରୀ ମଧ୍ୟରେ ବୟସର ପାର୍ଥକ୍ୟ ରହିଛି। କେଉଁଠି ପୁରୁଷ ବୟସ ଅଧିକ ତ, କେଉଁଠି ନାରୀର ବୟସ ଅଧିକ ରହିଛି। କେଉଁଠି ଏକାଧିକ ପତିର ବ୍ୟବସ୍ଥା ଅଛିତ, କେଉଁଠି ଏକାଧିକ ପତ୍ନୀର ବ୍ୟବସ୍ଥା ଅଛି। ତେବେ ଏ ସମସ୍ତେ ସାମାଜିକ ସ୍ୱୀକୃତିନାମା ଅନ୍ତର୍ଭୁକ୍ତ।

ବିବାହ ବନ୍ଧନରେ ଆବଦ୍ଧ ନଥିବା ବ୍ୟକ୍ତି ହୋଇପାରନ୍ତି ନପୁଂସକ। ତଥାପି ସମଲିଙ୍ଗୀ ବିବାହ ଅଛି। ଅନେକ ବ୍ରହ୍ମଚାରୀ, ସାଧୁ ବା ସନ୍ଥନାଁରେ ବହୁ ସମ୍ଭୋଗୀ। ଏଥିପାଇଁ ଆଜିର ବାବାମାନେ ସମାଲୋଚିତ। ସଂସାର ଭିତରେ ରହି ଧର୍ମଚର୍ଚ୍ଚାହିଁ ପ୍ରକୃଷ୍ଟପନ୍ଥା। ବିବାହଭିନ୍ନ ଭିନ୍ନ ଜୀବନ ପ ସହ ସମାନ।

# ଓଡ଼ିଶାରେ ବଦଳିବ କି ବିଜେପି ରାଜନୀତିର ଦିଗ !

ଦେଶର ପ୍ରାୟ ୩୦ ଭାଗ ଖଣିଜ ସଂପଦ ଓଡ଼ିଶାରେ ରହିଛି। ଖଣିଜ ସଂପଦ ପାଇଁ ଆମ ଦେଶ ଓ ବିଦେଶ ଆମ ରାଜ୍ୟ ଉପରେ ନିର୍ଭର କରନ୍ତି। ଓଡ଼ିଶାରେ ବ୍ୟାପକ ପର୍ଯ୍ୟଟନ ଶିଳ୍ପର ସୁଯୋଗ ରହିଥିବା ବେଳେ ପର୍ଯ୍ୟାପ୍ତ ଜଙ୍ଗଲ ସଂପଦ, ମତ୍ସ୍ୟ ସଂପଦ, ଜଳ ସଂପଦ ଓ ଶହେଭାଗ ଉର୍ବର ଚାଷ ଜମି ରହିଛି। ରାଜ୍ୟରେ ବୌଦ୍ଧିକ ସଂପଦ ଓ ପ୍ରତିଭାର ଅଭାବ ନାହିଁ। ରାଜ୍ୟରେ ଥିବା ୪୮୦ କି.ମି. ସୁଦୀର୍ଘ ମନୋରମ ସମୁଦ୍ର ଉପକୂଳ ଓ ଏସିଆ ମହାଦେଶର ସର୍ବ ବୃହତ ଲବଣାକ୍ତ ହ୍ରଦ ଚିଲିକା ରାଜ୍ୟର ଗୌରବ ବହନ କରୁଛି। ବିଶ୍ୱ ବିଖ୍ୟାତ ଭିତରକନିକା ଅଭୟାରଣ୍ୟ, ଦୁର୍ଲଭ ଅଲିଭ୍ ରିଡ୍‌ଲେ କଇଁଛ ମାନଙ୍କ ଏନ୍ତୁଡ଼ିଶାଳ, କୁମ୍ଭୀର ପ୍ରଜନନ କେନ୍ଦ୍ର, ବିଶାଳ ସାମୁଦ୍ରିକ ଅଭୟାରଣ୍ୟ, ହେନ୍ତାଳ ବଣ ଆଦି ଓଡ଼ିଶାର ଗର୍ବ ଓ ଗୌରବ। ସେହିପରି ଓଡ଼ିଶା ଭାରତର ସବୁଠୁ ପଛୁଆ ଓ ଅବହେଳିତ ରାଜ୍ୟ। ଦାରିଦ୍ର୍ୟର ଉତ୍ପାତ ବେଶୀ। ଅଧିକାଂଶ ଶିଶୁ ପୁଷ୍ଟିହୀନତାର ଶିକାର। ଶିଶୁ ଓ ମାତୃ ମୃତ୍ୟୁହାର ସର୍ବାଧିକ ଇତ୍ୟାଦି। ନବୀନ ବାବୁ ୫ ଥର ମୁଖ୍ୟମନ୍ତ୍ରୀ ଆସନରେ ବସି ଲଗାତାର ୨୦ ବର୍ଷ ଧରି ଓଡ଼ିଶା ଶାସନ କରି ଆସୁଛନ୍ତି। ହେଲେ ଏହି ଲମ୍ବା ସମୟ ମଧ୍ୟରେ ଓଡ଼ିଶାରେ ସେଭଳି କିଛି ବିକାଶ ହୋଇନଥିବା ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି।

ବାସ୍ତବରେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ବା ରାଜ୍ୟ ନେତୃତ୍ୱର ଅପାରଗତା ଯୋଗୁ ରାଜ୍ୟର ବିକାଶ ଆଶାନୁରୂପ ଆଗେଇପାରୁନାହିଁ। ଓଡ଼ିଶାର ଗରିବ ଲୋକମାନଙ୍କର ଜୀବନ ଯନ୍ତ୍ରଣାକୁ ପ୍ରଶାସନ ହୁଏତ ବୁଝିପାରୁନାହିଁ। ଗରିବ ଲୋକର ଉନ୍ନତି ପାଇଁ ସେମିତି କିଛି ସଶକ୍ତ ଯୋଜନା କରାଯାଉନାହିଁ କି କେନ୍ଦ୍ରୀୟ ଯୋଜନାକୁ ରାଜ୍ୟ ସରକାର ଠିକ୍ ଭାବେ ଲୋକଙ୍କ ପାଖରେ ପହଂଚାଉ ନଥିବା ବାରମ୍ବାର ଅଭିଯୋଗ ହେଉଛି। ଖଣି, ପାଣି, କୋଇଲା ମହାଦୁର୍ନୀତି ଓ ଚିଟଫଣ୍ଡ ଠକେଇ, ଦାନ ମାଝୀ, ନଗଡ଼ା, ମାଲକାନଗିରି ଓ କଟକ ଶିଶୁ ମୃତ୍ୟୁ ଘଟଣା ଓଡ଼ିଶାର ଭାବମୂର୍ତିରେ ଆଂଚ ଆଣିଥିବା କୁହାଯାଇପାରେ। ଓଡ଼ିଶାର ବିକାଶ କେମିତି ଚାଲିଛି, ଏସବୁ ତା'ର ଉଦାହରଣ ମାତ୍ର। ସାତ ବର୍ଷ ତଳେ ନରେନ୍ଦ୍ର ମୋଦିଙ୍କ ସରକାର କେନ୍ଦ୍ରୀୟ ଶାସନ ଦାୟିତ୍ୱ ନେବା ପରଠାରୁ ଓଡ଼ିଶାର ବିକାଶ ପାଇଁ କେନ୍ଦ୍ର ସରକାର ଦୃଷ୍ଟି ଦେବା ଆରମ୍ଭ କରିଥିଲେ। ଉପା ସରକାର ତୁଳନାରେ ମୋଦିଙ୍କ ନେତୃତ୍ୱାଧୀନ ଏନଡ଼ିଏ ସରକାର ଅନେକ ଗୁଣ ଅନୁଦାନ ଦେଉଛନ୍ତି ଓଡ଼ିଶାକୁ। ମୋଦି ସରକାର ଆସିବା ପରେ ଓଡ଼ିଶାର ବିକାଶ ପାଇଁ ହଜାର ହଜାର କୋଟି ଟଙ୍କା ଆସୁଛି। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଦୀନ ଦୟାଲ୍ ଉପାଧ୍ୟାୟ ଅନ୍ତ୍ୟୋଦୟ ଯୋଜନା, ମନରେଗା ଯୋଜନା, ଶ୍ୟାମା ପ୍ରସାଦ ମୁଖାର୍ଜୀ ମିସନ୍, ଉଜ୍ଜ୍ୱଳ ଯୋଜନା, ଗ୍ରାମାଂଚଳରେ ବିଜୁଳି ସଂଯୋଗ, ଦୀନ ଦୟାଲ୍ ଉପାଧ୍ୟାୟ ଗ୍ରାମୀଣ ଜ୍ୟୋତି ଯୋଜନା ଆଦିରେ ପର୍ଯ୍ୟାପ୍ତ ଅନୁଦାନ ଆସିଛି। ୬୦% ରୁ ଅଧିକ ଗାଁରେ ଶୌଚାଳୟ ନିର୍ମିତ ହୋଇଛି। କୋଇଲା ବଂଟନ କ୍ଷେତ୍ରରେ ନିୟମ ପରିବର୍ତନ ଯୋଗୁ ରାଜ୍ୟକୁ ବହୁ ଅଧିକ ରାଜସ୍ୱ ମିଳିବାର ସୁଯୋଗ ସୃଷ୍ଟି ହୋଇଛି। ବ୍ରହ୍ମପୁରରେ ଆଇଜର ଓ ସମ୍ବଲପୁରରେ ଆଇଆଇଏମ୍ ପ୍ରତିଷ୍ଠା ହୋଇଛି। କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ଏମ୍‌ସିଏଲ୍ ଦ୍ୱାରା ତାଳଚେର ଓ ଏନ୍‌ଟିପିସି ଦ୍ୱାରା ସୁନ୍ଦରଗଡ଼ରେ ମେଡ଼ିକାଲ୍ କଲେଜ ପ୍ରତିଷ୍ଠା ହେବ। ସେହିପରି ୬୦%ରୁ ଉର୍ଦ୍ଧ୍ୱ ଘରେ ରୋଷେଇ ଗ୍ୟାସ୍ ପହଂଚାଯାଇଛି।

ଓଡ଼ିଶାରୁ ବିଜେପିର ୮ଜଣ ଲୋକସଭାକୁ ଯାଇଛନ୍ତି। ପ୍ରଥମେ ୨ଜଣ ଓଡ଼ିଆ କେନ୍ଦ୍ରୀୟ ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇଥିଲେ (ଧର୍ମେନ୍ଦ୍ର ପ୍ରଧାନ, ମଧ୍ୟପ୍ରଦେଶରୁ ରାଜ୍ୟସଭା ସଦସ୍ୟ) ଏବଂ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ। ମାତ୍ର କିଛିଦିନ ତଳେ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କୁ ମନ୍ତ୍ରୀମଣ୍ଡଳରୁ ଅପସାରଣ କରାଯାଇ ତାଙ୍କ ସ୍ଥାନରେ ବିଶେଶ୍ୱର ଟୁଡୁଙ୍କୁ ରାଷ୍ଟ୍ରମନ୍ତ୍ରୀ ପଦ ଦିଆଯାଇଛି। ଏହାଫଳରେ ଓଡ଼ିଶାରେ ଭାଜପାର ସ୍ଥିତି କେତେ ମଜଭୁତ ହେବ, ତାହା ଭବିଷ୍ୟତ କହିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଦେଶବାସୀଙ୍କୁ ମୁଗ୍ଧ କରିଛି। ବାସ୍ତବତା ଦେଖାଗଲେ, ଓଡ଼ିଶାର ଅର୍ଦ୍ଧାଧିକ ମତଦାତା ଭିତିରିଆ ବିଜେପି ସମର୍ଥକ। କିନ୍ତୁ ଓଡ଼ିଶା ବିଧାନସଭା ନିର୍ବାଚନରେ ବିଜେପି ସଫଳ ହୋଇପାରୁନାହିଁ। ମୋଦିଙ୍କ ହାୱା ସତ୍ତ୍ୱେ ୨୦୧୪ ଓ ୨୦୧୯ ବିଧାନସଭା ନିର୍ବାଚନରେ ବିଜେପି କାହିଁକି ବିଫଳ ହେଲା, ସେଥିନେଇ ବିଜେପି ସମର୍ଥକମାନଙ୍କ ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ବିଜେପି କ୍ଷମତା ଦଖଲ ପାଇଁ କ'ଣ ସେଭଳି ଉଦ୍ୟମ କରୁନାହିଁ ?.... ବିଜେପି ଅନେକ ବିକାଶମୂଳକ କାର୍ଯ୍ୟ କରିବା ସହ ବହୁ ଉନ୍ନୟନ ଯୋଜନା ହାତକୁ ନେଇଥିଲେ ହେଁ ମତଦାତାମାନେ ବିଜେପି ପ୍ରତି କାହିଁକି ସେତେଟା ଆକର୍ଷିତ ହେଉନାହାନ୍ତି ?... ତେବେ ଭୋଟ୍ ପରିଚାଳନାଗତ ତ୍ରୁଟି ଯୋଗୁ ଯୁବଗୋଷ୍ଠୀର ଭୋଟ ଅତି ସହଜରେ ବିଜେଡ଼ି ଅକ୍ତିଆରକୁ ଚାଲିଯାଉଛି ବୋଲି ରାଜନୀତିକ ସମୀକ୍ଷକମାନେ ମତ ଦେଇ ଆସୁଛନ୍ତି। ଅନ୍ୟ ପକ୍ଷରେ ଦଳର କିଛି ଖାସ୍ ସମର୍ଥକ ଓ ଶୁଭେଚ୍ଛୁଙ୍କୁ ଗୁରୁତ୍ୱ ଦିଆଯାଉନାହିଁ କି ?... ବିଜେଡ଼ି ବିରୋଧରେ ଗଦା ଗଦା ଅଭିଯୋଗ ଥାଇ ମଧ୍ୟ ବିଜେପି ଫେଲ୍ ମାରିବା ଆଶ୍ଚର୍ଯ୍ୟର କଥା।

ଗତ ସାଧାରଣ ନିର୍ବାଚନ ପୂର୍ବରୁ ବିଜେପି ଦଳ ଓ ବିଜେପି ସରକାରଙ୍କ ଦ୍ୱାରା କୋଟିକୋଟି ଟଙ୍କାର ବିଜ୍ଞାପନ ଦିଆଯାଇ ହୁଏତ ମତଦାତାଙ୍କୁ ବିଜେପି ପ୍ରତି ଆକର୍ଷିତ ପାଇଁ ଚେଷ୍ଟା କରାଯାଇଥିଲା। ଅନ୍ୟପକ୍ଷରେ ଉଦ୍ଦେଶ୍ୟମୂଳକ ଭାବେ କିଛି ଗଣମାଧ୍ୟମକୁ ବିଜ୍ଞାପନ ଦିଆଯାଇନଥିବା ଅଭିଯୋଗ ହୋଇଥିଲା। ସେ ଯାହାହେଉ ଓଡ଼ିଶାରେ ବିଜେପିର ନେତୃତ୍ୱ ନେଉଥିବା ନେତାମାନେ ସଫଳ ହୋଇପାରି ନ ଥିଲେ। ରାଜନୀତିକ ଜ୍ଞାନରେ ନିପୁଣ ଓ ଲୋକପ୍ରିୟ ନେତାମାନେ ଦଳକୁ ମଜଭୁତ କରିବାର ଆବଶ୍ୟକତା ରହିଛି।

୨୦୧୯ ମସିହା ମଇ ୩୦ ତାରିଖରେ ନରେନ୍ଦ୍ର ମୋଦି ଦ୍ୱିତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ। ସଂସଦର ପ୍ରଥମ ଅଧିବେଶନ ବେଳେ ଧନ୍ୟବାଦ୍ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। କେତେକ ବିଜୟୀ ସାଂସଦ ଧନ୍ୟବାଦ୍ ପ୍ରସ୍ତାବ ଉପରେ ନିଜ ନିଜର ଭାଷଣ ଦେଲେ। ଯେତେବେଳେ ଓଡ଼ିଶାର ନବନିର୍ବାଚିତ ସାଂସଦ ପ୍ରତାପ ଷଡ଼ଙ୍ଗୀ (ନନା) ନିଜର ଅଭିଭାଷଣ ପାଇଁ ମଂଚକୁ ଆସିଲେ, ଉପସ୍ଥିତ ନେତାମାନେ ଏପରିକି ଓଡ଼ିଶାର ଅଧିକାଂଶ ଲୋକେ ମଧ୍ୟ ତାଙ୍କର ଭାଷଣ ପ୍ରତିଭା ସଂପର୍କରେ ଜାଣିନଥିଲେ। ମାତ୍ର ତାଙ୍କର ଇଂରାଜୀ, ହିନ୍ଦି, ଓଡ଼ିଆ, ବଙ୍ଗଳା ଓ ସଂସ୍କୃତ ଭଳି ୫ଟି ଭାଷାରେ ଓଜସ୍ୱିନୀ ଭାଷଣ ସମସ୍ତଙ୍କୁ ଅଭିଭୂତ କରିଦେଇଥିଲା। ସେ ନିଜ ଭାଷଣରେ ଏପରି ପ୍ରସଙ୍ଗ ଉଠାଇଥିଲେ, ଯାହା ଶୁଣି ପ୍ରଧାନମନ୍ତ୍ରୀ ମୋଦିଙ୍କ ସମେତ ଉପସ୍ଥିତ ସମସ୍ତେ ଅତ୍ୟନ୍ତ ଖୁସି ହୋଇଥିଲେ। ବାସ୍ତବରେ କେବଳ ସେ ଜଣେ ସଫଳ ରାଜନେତା କି ସୁସଂଗଠକ ନୁହନ୍ତି, ବରଂ ସେ ପ୍ରବଚନ ଜଗତ ପାଇଁ ଜଣେ ଜ୍ଞାନୀ ଓ ଧୂରୀଣ ବ୍ୟକ୍ତି ବୋଲି ଜଣାପଡ଼ିଥିଲା।

ବାସ୍ତବତା ଦେଖାଗଲେ, ବିଜେପିରେ ବହୁ ଜ୍ଞାନୀଗୁଣୀ ତଥା ପ୍ରଚଣ୍ଡ ରାଜନୀତିକ ଜ୍ଞାନର ଅଧିକାରୀ ନେତାମାନେ ଅଛନ୍ତି। ଏହିଦୃଷ୍ଟିରୁ ଓଡ଼ିଶାରେ ବିଜେପି ହୁଏତ ଶାସନ ଗାଦିକୁ ଆସିବା ଏତେ କଷ୍ଟସାଧ୍ୟ ନୁହେଁ। ମାତ୍ର ବିଜେପି ପାଇଁ ରାଜନୀତିକ ଜ୍ଞାନରେ ନିପୁଣ ତଥା ଦୃଢ ନେତୃତ୍ୱର ଆବଶ୍ୟକତା ରହିଥିବା ବିଭିନ୍ନ ମହଲରେ ମତପ୍ରକାଶ ପାଉଛି। ଅନ୍ୟଥା ଓଡ଼ିଶାରେ ବିଜେପି ଡ଼ଙ୍ଗା ବୁଡ଼ି ନଯାଉ ବୋଲି ଚର୍ଚ୍ଚା ହୋଇ ଆସୁଛି। ଓଡ଼ିଶାରେ ବିଜେପି ଧୀରେ ଧୀରେ ଆଗକୁ ମାଡ଼ି ଚାଲିଥିଲେ ମଧ୍ୟ ଦୃଢ ନେତୃତ୍ୱ ଅଭାବରୁ ଦଳ ମଜଭୁତ ହୋଇ ପାରୁନଥିବା ଦେଖାଯାଉଛି। ଓଡ଼ିଶା ବିଜେପିର ଅନେକ ନେତା ମଧ୍ୟ ଜାତୀୟ ରାଜନୀତି କ୍ଷେତ୍ରରେ ନିଜ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିନେଲେଣି। ତେବେ ଦଳୀୟ ସଭାପତି ସମୀର ମହାନ୍ତିଙ୍କ ଭଳି ବିଜେପିର କେତେକ ଆଗ ଧାଡ଼ିର ତୁଙ୍ଗ ନେତା ମଧ୍ୟ ନିଜ ନିଜର ପ୍ରଚଣ୍ଡ ରାଜନୀତିକ କରିସ୍ମା ବଳରେ ସାଧାରଣ ଲୋକଙ୍କ ନିକଟତର ହେବାରେ ଲାଗିଛନ୍ତି। ଦଳୀୟ ନେତାମାନଙ୍କର ନିଷ୍ଠାପର କାର୍ଯ୍ୟ ରାଜ୍ୟରେ ବିଜେପି ସଂଗଠନକୁ ମଜଭୁତ କରାଇବାରେ ସହାୟକ ହେବ, ଏଥିରେ ସନ୍ଦେହ ନାହିଁ। ହୁଏତ ଆସନ୍ତା ନିର୍ବାଚନରେ ସାରା ଓଡ଼ିଶାକୁ ପଦ୍ମରେ ସଜେଇ ଭାଜପା ଇତିହାସ ରଚିବା ଅସମ୍ଭବ ନୁହେଁ।

# ବିରଜାଦେବୀଙ୍କ ସ୍ୱନକ୍ଷତ୍ର ଓ ଯଜ୍ଞପ୍ରଭାର ଲୋକାର୍ପଣ ଉତ୍ସବ ପାଳିତ



ଯାଜପୁର (ପିଏନ୍): ମାଘ ମାସ ତ୍ରିବେଣୀ ଅମାବାସ୍ୟା ଦିବସର ଶୁଭ ଅବସରରେ କ୍ଷେତ୍ରେଶ୍ୱରୀ ବିରଜାଦେବୀଙ୍କର ପବିତ୍ର ସ୍ୱନକ୍ଷତ୍ର ଉତ୍ସବ ଯାଜପୁରସ୍ଥିତ ଗ୍ରୀନ୍ ଅକ୍‌ସଫୋର୍ଡ଼ ସ୍କୁଲ ପରିସରରେ ବିରଜା ସଂସ୍କୃତିକ ପ୍ରଚାର ସମିତି ଆନୁକୂଲ୍ୟରେ ମା'ବିରଜା ଟି.ଭି. ଓ ମା'ଟିଭି ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାଂସ୍କୃତିକ ମ ରେ ବରିଷ୍ଠ ସେବାୟତ ପଣ୍ଡିତ ସୁବାସ ଚନ୍ଦ୍ର ପାଣି ଓ ସଭାପତି ଦେବୀ ପ୍ରସାଦ ପାଣି ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପାର୍ଘ୍ୟ ଅର୍ପଣ କରି ଉତ୍ସବର ଶୁଭ ଉଦ୍‌ଘାଟନ କରିଥିଲେ। ସମିତିର ସଂପାଦକ ତଥା ଯାଜପୁର ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ହରିହର ସ୍ୱାଇଁ ସ୍ୱାଗତଭାଷଣ ଓ ଅତିଥିପରିଚୟ ପ୍ରଦାନ କରିଥିଲେ। ବିଶିଷ୍ଟ ସାହିତ୍ୟିକ ଅଧିକାରୀ ନବକିଶୋର ଦାସ ଯଜ୍ଞପ୍ରଭା ପ୍ରତିକାର ୪୧ତମ ସଂଖ୍ୟାର ଶୁଭ ଉନ୍ମୋଚନ କରିଥିଲେ। ଡା. କୈଳାସ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଏସ.ସୌରଂଜିତା, ତପନ କୁମାର ଜେନା ପ୍ରାରମ୍ଭିକ ସଙ୍ଗୀତ ଓ ମାତୃ ବନ୍ଦନା ଗାନ କରିଥିଲେ। ଏହି ଉତ୍ସବରେ କ୍ରାନ୍ତି କାମୋଦୀ କଲ୍‌କୀର ସଂପାଦକ ଶ୍ରୀ ଘନ ପରିଡ଼ା, ଅଧକ୍ଷ ଡା. ସତ୍ୟରଂଜନ ପତି, ପାଣ୍ଡବ ଚରଣ ସାହୁ, ସାର୍ ନଟବର ଦାସ, ପ୍ରଶାନ୍ତ କୁମାର ରାଉତରାୟ, ପ୍ରଭାତ କୁମାର ଦାସ, ତପନ କୁମାର ମହାରଣ୍ୟଶର୍ମା, ଶ୍ରୀ ଅଭିମନ୍ୟୁ ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ବିରଜା ସଂସ୍କୃତିର ପ୍ରାଚୀନତା ଓ ମହାନତା ବିଷୟରେ ବିଶଦ ଆଲୋଚନା କରିଥିଲେ। ଶ୍ରୀ ମୀନକେତନ ମା'ଙ୍କ ବନ୍ଦନା ଗାନ କରି ବକ୍ତବ୍ୟ ଦେଇଥିଲେ। ପରିଶେଷରେ ମା'ଟିଭିର ସଂପାଦକ ଅର୍ପଣ କୁମାର ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ସରକାରଙ୍କ କଟକଣା ଅନୁଯାୟୀ ସୀମିତ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ବରିଷ୍ଠ ଡାକ୍ତର ଧନେଶ୍ୱର ସାହୁଙ୍କ ପରଲୋକ

ବାଙ୍କୀ (ପିଏନ୍)-ବାଙ୍କୀରେ ବରିଷ୍ଠ ଡାକ୍ତର ଧନେଶ୍ୱର ସାହୁଙ୍କର ହୃଦ୍‌ଘାତରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ସୂଚନା ମିଳିଛି। ସୂଚନା ଥାଉକି ଡାକ୍ତର ଧନେଶ୍ୱର ସାହୁ ବାଙ୍କୀରେ ଦୀର୍ଘଦିନ ଧରି ଲୋକଙ୍କର ସେବା କରି ଆସୁଥିବା ବେଳେ ସେ ବାଘମାରୀ, ବେଗୁନିଆ, ତୁଳସୀପୁର, ତାଳବସ୍ତ ଆଦି ସ୍ୱାସ୍ଥ୍ୟକେନ୍ଦ୍ରରେ ଲୋକମାନଙ୍କୁ ସେବା ଯୋଗାଉଥିଲେ। ଅବସର ପରେ ବାଙ୍କୀରେ ଏକ ଘରୋଇ କ୍ଲିନିକ୍ ମାଧ୍ୟମରେ ରୋଗୀମାନଙ୍କୁ ସେବା ଯୋଗାଉଥିଲେ। ତାଙ୍କର ବିୟୋଗରେ ବାଙ୍କୀ ଅ ଳରେ ଶୋକର ଛାୟା ଖେଳିଯାଇଥିବାବେଳେ ସେ ଏକା ସଂଗରେ ଜଣେ ସରଳ, ନିଷ୍କପଟ ଓ ଧର୍ମପରାୟଣ ବ୍ୟକ୍ତି ଭାବେ ବେଶ ଜଣାଶୁଣା ଥିଲେ। ତାଙ୍କର ଧର୍ମପତ୍ନୀ ନିରୂପମା ସାହୁ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଓ ଏକମାତ୍ର ପୁତ୍ର ସୁନୀଲ କୁମାର ସାହୁ ଓ ପରିବାର ବର୍ଗ ଉପସ୍ଥିତ ଥିଲେ।

# ଗଣତନ୍ତ୍ରକୁ ବଜାରତନ୍ତ୍ରରେ ପରିବର୍ତ୍ତନକୁ ବିରୋଧ କରନ୍ତୁ: ନିରଞ୍ଜନ

ଭୁବନେଶ୍ୱର (ପିଏନ୍)-ଦୀର୍ଘ ୨୨ବର୍ଷ ଧରି ରାଜ୍ୟରେ ଏକମାତ୍ର ବ୍ୟକ୍ତି ମୁଖ୍ୟମନ୍ତ୍ରୀ ଅଛନ୍ତି। ମୁଖ୍ୟମନ୍ତ୍ରୀ ବାରମ୍ବାର ଏକନମ୍ବର କିନ୍ତୁ ରାଜ୍ୟ କାହିଁକି ସର୍ବଭାରତୀୟ ସ୍ତରରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ ବ୍ୟବସ୍ଥା, ଆଇନକାନୁନ, ରୋଜଗାର, ଶିଶୁମୃତ୍ୟୁ ହାର, ମାତୃ ମୃତ୍ୟୁହାର ସବୁଠାରୁ ପଛଆଡୁ ପ୍ରଥମ। ୨୦୦୦ ମସିହାରୁ ୨୦୦୯ ମସିହା ପର୍ଯ୍ୟନ୍ତ ବିଜେଡ଼ି ଓ ବିଜେପି ଓଡ଼ିଶାର ଶାସନ ବ୍ୟବସ୍ଥାରେ ଥିଲେ। ଓଡ଼ିଶାବାସୀଙ୍କୁ ଯେଉଁ ଆଶା, ଭରଷା ଓ ବିଶ୍ୱାସ ଜନ୍ମାଇଥିଲେ ତାର କାଣିଚାଏ ମଧ ପୂରଣ କରାଯାଇ ନାହିଁ। ୨୦୦୯ ମସିହାରେ କୁହାଯାଇଥିଲା ରାଜ୍ୟରେ ପ୍ରତ୍ୟେକ ବ୍ଲକରେ ୩୫% ଜଳସେଚନ କରାଯିବ କିନ୍ତୁ ଆଜି ୨୨ ବର୍ଷପରେ ମଧ ମାତ୍ର ୧୮% ଜଳସେଚନ କରିବାରେ ସକ୍ଷମ ହୋଇନାହାନ୍ତି। ପ୍ରତିବର୍ଷ ଦୁଇଲକ୍ଷ ନିଯୁକ୍ତି ସୃଷ୍ଟି କରିବାର ଆଶା ଓ ବିଶ୍ୱାସ ବେରୋଜଗାର ଯୁବକ ଯୁବତୀ ମନରେ ସୃଷ୍ଟି କରାଯାଇଥିଲା। ୨୨ ବର୍ଷ ଭିତରେ ୪୪ ଲକ୍ଷ ନିଯୁକ୍ତି ସୃଷ୍ଟି କରାଯିବା କଥା; କିନ୍ତୁ ଆଜି ରାଜ୍ୟରେ ପାଖାପାଖି ୪୫ଲକ୍ଷ ଶିକ୍ଷିତ ଯୁବକ ଯୁବତୀ ନିଯୁକ୍ତି ଅପେକ୍ଷାରେ ରହିଛନ୍ତି। କୁହାଗଲା ଓଡ଼ିଶାରେ ପୁଂଜି ବିନିଯୋଗର ଅପାର ସୁଯୋଗ ରହିଛି ଏବଂ ରାଜ୍ୟବାସୀଙ୍କୁ ହିସାବ ଦିଆଗଲା ପାଖାପାଖି ୧୦ଲକ୍ଷ କୋଟିରୁ ଅଧିକ ପୁଂଜି ବିନିଯୋଗ ହୋଇଛି ବୋଲି, ତାହାହେଲେ କାହିଁକି ପ୍ରତ୍ୟକ୍ଷ ଓ ପରୋକ୍ଷ ରୋଜଗାର ସୃଷ୍ଟି ହୋଇପାରିଲା ନାହିଁ ଏହା ଏକ ବଡ଼ ପ୍ରଶ୍ନବାଚୀ। ଏ ରାଜ୍ୟରେ ମହିଳାମାନଙ୍କ ପ୍ରତି ନିର୍ଯ୍ୟାତନା ପ୍ରତିଦିନ ହୁ ହୁ ହୋଇ ବଢ଼ିଚାଲିଛି। ଶେଷରେ ଆମେ ଭାରତବର୍ଷରେ ଏକ ମୁଖ୍ୟ ନାରୀ ଅପରାଧ ପ୍ରବଣ ରାଜ୍ୟ ରୂପେ ପରିଗଣିତ କାହିଁକି ? କୃଷକମାନଙ୍କର ଆୟକୁ ଦ୍ୱିଗୁଣା କରିବାର ଉଭୟ ବିଜେପି ଓ ବିଜେଡ଼ି ଏକ ସ୍ୱରରେ କହିଥିଲେ। ରାଜ୍ୟ ସରକାର କାଳିଆ ଯୋଜନା କଲେ କିନ୍ତୁ ଏ ରାଜ୍ୟର ୮୦ ଭାଗ ଜନସାଧାରଣ କୃଷକ ଓ କୃଷିକାର୍ଯ୍ୟ ସହିତ ଜଡ଼ିତ। ଆଜି ଧାନମଣ୍ଡିରେ କୃଷକ ଧାନବସ୍ତା ଦେଇ ଶୋଇଛି ମାସ ମାସ ଧରି। ଟୋକନ ଭୁବନେଶ୍ୱରରୁ ଆସିବ ବୋଲି ଅପେକ୍ଷା କରିଛି। ଆଜି ପର୍ଯ୍ୟନ୍ତ ତାର ଉତ୍ପାଦିତ ଧାନ ମଣ୍ଡିରୁ ଉଠିଲା ନାହିଁ। ମିଲରମାନଙ୍କ ସହିତ ରାଜ୍ୟ ସରକାରଙ୍କର କେଉଁ ଏକ ଅଘୋଷିତ ସଂପର୍କ ପାଇଁ ଆଜି ଚାଷୀ ଏବଂ ଚାଷୀ ପରିବାର କାନ୍ଦୁଛି। ସ୍କୁଲରେ ଶିକ୍ଷକ ନରଖିବା ଏ ଏକବର୍ଷର କଥା ନୁହେଁ। ବର୍ଷପରେ ବର୍ଷ ସମସ୍ତ ସରକାରୀ ସ୍କୁଲକୁ ୨୨ ବର୍ଷର ସରକାରଙ୍କର ନୀତି ଓ ନିଷ୍ପତି ଯୋଗୁଁ ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ସ୍ଥାଣୁ ପ୍ରାୟ। ଓଡ଼ିଶା ବିଜୁଳି ଉତ୍ପାଦନର ବଳକା ରାଜ୍ୟ ହୋଇଥିଲେ ମଧ ଏ ରାଜ୍ୟରେ ଖାଉଟିମାନଙ୍କୁ ଭାରତବର୍ଷରେ ସବୁଠାରୁ ଅଧିକ ଦାମ କାହିଁକି ନିଆଯାଉଛି। କେଉଁ ପୁଂଜିପତିମାନଙ୍କ ସ୍ୱାର୍ଥକୁ ଉଭୟ ସରକାର ଜଗିଛନ୍ତି ? ଆଜି ଓଡ଼ିଶାର ୮ଟି ଆଦିବାସୀବହୁଳ ଜିଲ୍ଲା ଭାରତବର୍ଷର ସବୁଠାରୁ ପଛୁଆ ଜିଲ୍ଲା। ୨୨ ବର୍ଷ ପରେ ମଧ ଆଜି କାହିଁକି ଗର୍ଭବତୀ ମହିଳା ଖଟିଆରେ ବୁହାହେଉଛି ! ଆମ ସ୍ୱାସ୍ଥ୍ୟ ବ୍ୟବସ୍ଥା କେବଳ ସ୍ୱାସ୍ଥ୍ୟ କାର୍ଡ ବାଂଟିବାରେ ସୀମାବଦ୍ଧ କି ? ଡାକ୍ତରଖାନାରେ ଡାକ୍ତରଙ୍କୁ ରଖିବା ନାହିଁ ନର୍ସଙ୍କୁ ରଖିବା ନାହିଁ, ନର୍ସ, ପାରାମେଡିକାଲ ଷ୍ଟାଫ ଏବଂ ବୈଷୟିକ ଜ୍ଞାନପ୍ରାପ୍ତ ବ୍ୟକ୍ତିବିଶେଷଙ୍କୁ ନିଯୁକ୍ତି ଦେବା ନାହିଁ କେବଳ ବିଭିନ୍ନ ଜିଲ୍ଲାରେ ସ୍ୱାସ୍ଥ୍ୟ କାର୍ଡ ବାଂଟିଲେ ଏ ରାଜ୍ୟର ସ୍ୱାସ୍ଥ୍ୟ ବ୍ୟବସ୍ଥା ସୁଦୃଢ଼ ହୋଇଯିବ କି ? ୨୦୧୪ ମସିହା ପୂର୍ବରୁ କେନ୍ଦ୍ରରେ ବିଜେପି ସରକାର ଶାସନକୁ ଆସିବା ପାଇଁ ଭାରତବାସୀଙ୍କୁ ବିଭିନ୍ନ ପ୍ରତିଶ୍ରୁତି ଦେଇଥିଲେ। ପ୍ରଥମେ କହିଥିଲେ କଳାଧନର ମୂଳ ଉତ୍ପାଟନ ହେବ କିନ୍ତୁ ଯେଉଁ କଳାଧନ କେତେ ଆସିଲା କେହି ଜାଣିଲେ ନାହିଁ କି ଜଣାଗଲାନାହିଁ। ଆଜି ଜିଏଷ୍ଟି, ବିମୁଦ୍ରିକରଣ ସରକାରଙ୍କର ଭୁଲ କୃଷି ନୀତି, ବୈଦେଶିକ ନୀତି ତଥା ଅର୍ଥନୀତିକୁ ପରିଚାଳନା କରିବାରେ ଦକ୍ଷତାର ଅଭାବ ଯୋଗୁଁ ଭାରତବର୍ଷ ବହୁ ପଛକୁ ଚାଲିଯାଉଛି। ଦୀର୍ଘ ୭ବର୍ଷ ଭିତରେ ଆଛେଦିନର ସ୍ୱପ୍ନ ଦେଖାଇଥିବା ସରକାର ଆଛେଦିନ କେବେ ଆସିବ କହିପାରୁନାହିଁ। ଜିନିଷପତ୍ରର ଦରଦାମ ହୁ ହୁ ହୋଇ ବଢ଼ିଚାଲିଛି, ବେରୋଜଗାରୀ ୪୫ ବର୍ଷରେ ଶୀର୍ଷ ଛୁଇଁସାରିଲାଣି। ୪.୫ କୋଟି ଲୋକମାନେ ମୋଦିଙ୍କ ସରକାରରେ ଗରିବ ସୀମାରେଖା ତଳକୁ ଚାଲିଯାଇଛନ୍ତି। ଯେଉଁମାନଙ୍କୁ କଂଗ୍ରେସ ସରକାର ୨୦୦୦-୧୪ ମଧରେ ସେମାନଙ୍କୁ ଗରିବ ସୀମାରେଖା ଉପରକୁ ଉଠାଇପାରିଥିଲେ। ପ୍ରଧାନମନ୍ତ୍ରୀ ମୋଦି ମହାଶୟ ଦେଶବାସୀଙ୍କୁ କହିଥିଲେ ପ୍ରତ୍ୟେକ ଭାରତୀୟ ବ୍ୟାଙ୍କ ଖାତାକୁ ୧୫ ଲକ୍ଷ ଆସିବ କିନ୍ତୁ ୧୫ ଟଙ୍କା ଆସିଲା ନାହିଁ, ଏହା କ'ଣ ଜୁମୁଲା ଥିଲା କି ? କୃଷକମାନଙ୍କର ଆୟ ବହୁପରିମାଣରେ କମି ଯାଇଛି। ୬୬ ଲକ୍ଷ ଅଣୁ କ୍ଷୁଦ୍ର ଓ ମଧ୍ୟମ ଧରଣର ଉଦ୍ୟୋଗ ସଂପୂର୍ଣ୍ଣ ରୂପେ ବନ୍ଦ ହୋଇଯାଇଛି। ସମ୍ବିଧାନ ଓ ସାମ୍ବିଧାନିକ ଅନୁଷ୍ଠାନ ଉପରେ ବାରମ୍ବାର ଆକ୍ରମଣ କରାଯାଉଛି। ଉଗ୍ର ଜାତୀୟତାବାଦ ନାମରେ ଦେଶ ଭିତରେ ଭୟ ଓ ଅଶାନ୍ତିର ବାତାବରଣ ସୃଷ୍ଟି କରାଯାଉଛି। ଅର୍ଥ ବଳରେ ଯେନତେନ ପ୍ରକାରରେ ଲୋକମାନଙ୍କୁ ପ୍ରଲୋଭିତ କରି ମିଥ୍ୟା ପ୍ରତିଶ୍ରୁତି ଦେଇ ଭୋଟ ହାତେଇବା ଆମ ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ଏହି ପ୍ରକ୍ରିୟା ଯଦି ଚାଲୁ ରହେ, ତାହାହେଲେ ଅତି ଶୀଘ୍ର ଗଣତନ୍ତ୍ର ଦ୍ରୁତ ଅବକ୍ଷୟମୁଖୀ ହେବ ଏବଂ ଗଣତନ୍ତ୍ର ବଜାରତନ୍ତ୍ରରେ ପରିଣତ ହୋଇଯିବ। ଏଣୁ ମୋର ଓଡ଼ିଶାବାସୀଙ୍କୁ ବିନମ୍ର ନିବେଦନ ଆପଣମାନେ ଆସନ୍ତା ପଂଚାୟତ ନିର୍ବାଚନରେ ଏ ସମସ୍ତ ମୌଳିକ ପ୍ରଶ୍ନଗୁଡ଼ିକୁ ଉଭୟ ବିଜେଡ଼ି ଓ ବିଜେପି ଦଳର ନେତା, ମନ୍ତ୍ରୀ ଓ ପ୍ରାର୍ଥୀମାନଙ୍କୁ ପଚାରନ୍ତୁ ତଥା କଂଗ୍ରେସକୁ ଭୋଟ ଦେବାପାଇଁ ମୁଁ ଅନୁରୋଧ କରୁଛି। ଆସନ୍ତା ଦିନରେ ଏକ ସୁନ୍ଦର ଓଡ଼ିଶା ଗଠନ କରିବାରେ ଆପଣମାନଙ୍କ ସହଯୋଗ ଅପେକ୍ଷାରେ କଂଗ୍ରେସ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

**ପର୍ଯ୍ୟବେକ୍ଷକ ସମ୍ପାଦକୀୟ**

**ଭୁବନେଶ୍ୱର, ୨୦୨୪, ଅପ୍ରେଲ ୨**

# ନୂଆ ଓଡ଼ିଶା ଗଠନ ଓ ରୂପାନ୍ତରିତ ସ୍କୁଲ


ଅଲେଖ ଚନ୍ଦ୍ର ସାମଲ

ଓଡ଼ିଶାରେ କେବଳ ଗମନାଗମନ, ସଡ଼କ, ସ୍ୱାସ୍ଥ୍ୟସେବା, ନାରୀ ସଶକ୍ତିକରଣ ନୁହେଁ ଶିକ୍ଷା କ୍ଷେତ୍ରରେ ଓଡ଼ିଶା ରୂପାନ୍ତରଣ ଯେଉଁ ଶ୍ରେଷ୍ଠ ମାର୍ଗରେ ଆଗେଇ ଚାଲିଛି ତାହା ଭାରତର ଅନ୍ୟ ରାଜ୍ୟ ପାଇଁ ଉଦାହରଣ ସୃଷ୍ଟି କରିଛି । ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସରକାରୀ ସ୍କୁଲ ଗୁଡ଼ିକ ଶ୍ରେଷ୍ଠ ମାଧ୍ୟମ ସାଜିଥିବାବେଳେ ବିଦ୍ୟାଳୟର ରକ୍ଷଣାବେକ୍ଷଣ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି ୫ଟି ଅଧ୍ୟକ୍ଷ । ଓଡ଼ିଶାରେ ଏବେ ରୂପାନ୍ତରଣର ଯୁଗ ଚାଲିଛି । ରାଜ୍ୟବ୍ୟାପୀ ସ୍କୁଲ କଲେଜ ଠାରୁ ଆରମ୍ଭ କରି ହସ୍ପିଟାଲ, ପର୍ଯ୍ୟଟନ କ୍ଷେତ୍ର, ମଠ ମନ୍ଦିର, ପଞ୍ଚାୟତ, ଗାଁ ସବୁଠାରେ ରୂପାନ୍ତରଣ କାର୍ଯ୍ୟ ଚାଲିଛି । ଏକ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ପାଇଁ ଏହି ରୂପାନ୍ତରଣ ରାସ୍ତା ପ୍ରସ୍ତୁତ କରୁଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି । ଚତୁର୍ଥ ପର୍ଯ୍ୟାୟ ନ୍ତ୫-ଟି ସ୍କୁଲ ରୂପାନ୍ତରଣର ତୃତୀୟ ଦିନରେ ପାଞ୍ଚ ଜିଲ୍ଲାର ୩୬୧ଟି ରୂପାନ୍ତରିତ ସ୍କୁଲକୁ ଲୋକାର୍ପିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ରୂପାନ୍ତର କାର୍ଯ୍ୟକ୍ରମ ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ଶ୍ରେଷ୍ଠ ହେଉଛି ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ । ସ୍କୁଲରୁ ହିଁ ଗୋଟିଏ ଜାତିର ଭବିଷ୍ୟତ ନିର୍ମାଣ ହୋଇଥାଏ । ସ୍କୁଲ ରୂପାନ୍ତରଣ ଓଡ଼ିଆ ଜାତିରେ ନୂଆ ଜାଗରଣର ମାର୍ଗ ପ୍ରଶସ୍ତ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଅତ୍ୟାଧୁନିକ ଲାବୋରେଟେରୀର ବ୍ୟବସ୍ଥା କରାଯାଇଛି । ରୂପାନ୍ତରିତ ସ୍କୁଲର ସଠିକ ଉପଯୋଗ କରି ଭଲ ପାଠ ପଢ଼ିବା ସହିତ ନିଜ ପାଇଁ ଏକ ସୁନ୍ଦର ଭବିଷ୍ୟତ ଗଢ଼ିବାକୁ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ପରାମର୍ଶ ଦେଇଛନ୍ତି । ପିଲାମାନଙ୍କ ଭବିଷ୍ୟତ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସରକାରୀ ସ୍କୁଲର ପିଲାମାନଙ୍କ ପାଇଁ ମେଡ଼ିକାଲ ଓ ଇଞ୍ଜିନିୟରିଂ କଲେଜରେ ୧୫ ପ୍ରତିଶତ ସ୍ଥାନ ସଂରକ୍ଷଣ କରାଯାଇଛି । ସରକାରୀ ସ୍କୁଲ ମାନଙ୍କରେ ପିଲାମାନଙ୍କ ଶିକ୍ଷାଦାନ କ୍ଷେତ୍ରରେ ବହୁ ଉନ୍ନତି ଆସିଛି । ଏବେ ସରକାରୀ ସ୍କୁଲରେ ପାଠ ପଢ଼ିବା ପାଇଁ ପିଲା ଓ ଅଭିଭାବକ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେଉଛି । ସେହିପରି ପିଲାମାନଙ୍କୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ତୁମେ ମାନେ ତୁମ ଜୀବନରେ ୫ଟି ନୀତି ପ୍ରୟୋଗ କର । ଏହା ତୁମ ମାନଙ୍କର ପାଇଁ ସଫଳତା ଆଣିଦେବ । ତୁମେମାନେ ନୂଆ ନୂଆ ବୈଷୟିକ ଜ୍ଞାନକୌଶଳ ବିଷୟରେ ଜାଣିବାକୁ ଚେଷ୍ଟା କର । କ୍ରୀଡ଼ା କ୍ଷେତ୍ରରେ ଟିମ୍‌ୱାର୍କର ବିଶେଷ ଭୂମିକା ରହିଛି । ସ୍ୱଚ୍ଛତା ଓ ସାଧୁତା ହେଉଛି ମଣିଷ ଜୀବନର ଶ୍ରେଷ୍ଠ ଗୁଣ । ସମୟକୁ ନଷ୍ଟ ନକରି ତାର ଉପଯୋଗ କର । ଏହି ଚାରୋଟି ନୀତିକୁ ଅନୁସରଣ କଲେ ଜୀବନରେ ସଫଳତା ହାସଲ କରି ରୂପାନ୍ତର ଆସିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ନୂଆ ଓଡ଼ିଶା ଗଠନର ତଥା ରୂପାନ୍ତରଣର ଅନ୍ୟତମ ବିନ୍ଧାଣୀ ୫ଟି, ନବୀନ ଓଡ଼ିଶାର ଅଧ୍ୟକ୍ଷ ଭି.କାର୍ତ୍ତିକ ପାଣ୍ଡିଆନ କହିଛନ୍ତି ଯେ ବାସ୍ତବ କଥା ହେଉଛି ପ୍ରାଥମିକ ଅବସ୍ଥା ବେଳୁ ସ୍କୁଲ ରୂପାନ୍ତର ଏକ ସ୍ୱପ୍ନ ଭଳି ଲାଗୁଥିଲା କିନ୍ତୁ ଏହି ଅଭୁତପୂର୍ବ ସଫଳତା ପଛରେ ବିଧାୟକ, ସ୍କୁଲ ପରିଚାଳନା କମିଟି, ସ୍ଥାନୀୟ ପଞ୍ଚାୟତ ପ୍ରତିନିଧି, ସମସ୍ତଙ୍କ ଟିମ୍‌ୱାର୍କର ସହଯୋଗ ଏହି ସଫଳତାର କାରଣ । କେବଳ ଏତିକି ନୁହେଁ ଏବେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ହେଉଛି ରୂପାନ୍ତରିତ ସ୍କୁଲ ଗୁଡ଼ିକର ନିୟମିତ ରକ୍ଷଣାବେକ୍ଷଣ । ବିଦ୍ୟାଳୟର ପିଲାମାନେ ଏହି କାର୍ଯ୍ୟକ୍ରମର ଅବସରରେ ମତ ରଖିଥିଲେ ଯେ ଆମେ ଏବେ ଆମର ନିଜ ନିଜର ସଂକଳ୍ପର ଲକ୍ଷ୍ୟ ନେଇ ଗଭୀର ଆତ୍ମବିଶ୍ୱାସର ସହ ପାଠ ପଢୁଛୁ । ଆମ ପାଠପଢ଼ିବା ସହିତ ସ୍ମାର୍ଟ କ୍ଲାସରୁମ ଯେଉଁଥିରେ ସମସ୍ତଙ୍କ ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା ରହିଛି ଏହା ଆମ ପାଠପଢ଼ାକୁ ସହଜ କରିପାରିଛି । ଓଡ଼ିଶା ସରକାରଙ୍କ ଏହି ରାଜ୍ୟସ୍ତରୀୟ ବିଶାଳ କାର୍ଯ୍ୟକ୍ରମରେ ସମ୍ବଲପୁରରେ ବିଧାୟକ ରୋହିତ ପୂଜାରୀ, ମୟୂରଭଞ୍ଜରେ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି, ରାୟଗଡ଼ାରେ ଅନୁସୂଚୀତ ଜନଜାତି, ଜାତି, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା, ନୂଆପଡ଼ାରେ ସାଂସଦ ବସନ୍ତ ପଣ୍ଡା ଓ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭରତରାମ ମାଝୀ ଓ ବଲାଙ୍ଗୀରରେ ଜଳ ସମ୍ପଦ ମନ୍ତ୍ରୀ ଟୁକୁନି ସାହୁ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଓଡ଼ିଶାର ପିଲାମାନଙ୍କୁ ବଡ଼ ମଣିଷକରି ଗଢ଼ି ତୋଳିବା ପାଇଁ ଓ ନିଜ ଜୀବନରେ ଭଲ ମଣିଷଟିଏ ହୋଇ ଆଗକୁ ବଢ଼ିବା ପାଇଁ ଯେଉଁ ବ୍ୟବସ୍ଥା ସବୁ କରିଛନ୍ତି ସେ ନେଇ ମତ ରଖିଥିଲେ । ସୂଚନାଥାଉକି ଏହି କାର୍ଯ୍ୟକ୍ରମରେ ଲୋକାର୍ପିତ ହୋଇଥିବା ହାଇସ୍କୁଲ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାର ୧୦୫ଟି, ସମ୍ବଲପୁରର ୬୩ଟି, ରାୟଗଡ଼ାର ୬୦, ବଲାଙ୍ଗୀରର ୧୦୦ ଓ ନୂଆପଡ଼ାର ୩୩ଟି ହାଇସ୍କୁଲ ରହିଛି । ଏହା ପୂର୍ବରୁ ୩ଟି ପର୍ଯ୍ୟାୟରେ ରାଜ୍ୟରେ ୬୮୮୩ଟି ସ୍କୁଲ ରୂପାନ୍ତରିତ ହୋଇଛି ଓ ଚତୁର୍ଥ ପର୍ଯ୍ୟାୟରେ ସମୁଦାୟ ୧୭୯୪ଟି ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ ହେବ । ଏହି ପର୍ଯ୍ୟାୟ ସମ୍ପୂର୍ଣ୍ଣ ହେବାପରେ ରାଜ୍ୟରେ ସମୁଦାୟ ୮୬୭୭ଟି ସ୍କୁଲ ରୂପାନ୍ତରିତ ହୋଇ ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ଏକ ବିଶାଳ କ୍ରାନ୍ତୀ ସୃଷ୍ଟି କରିବାକୁ ସମର୍ଥ ହେବ ଯେଉଁଠି ପିଲାମାନେ ନିଜ ସ୍ୱପ୍ନକୁ ସାକାର କରିପାରିବା ସହ ସେମାନଙ୍କ ପାଠପଢ଼ା ପାଇଁ କୌଣସି ପ୍ରତିବନ୍ଧକ ରହିବନାହିଁ ଏହା ସେମାନଙ୍କ ପାଇଁ ବଡ଼ ଆଶା ଓ ଆଶ୍ୱାସନାର ସଞ୍ଜିବନୀ ପାଲଟିବ ।

*ପୂର୍ବତନ ଡିଏଫ୍‌ଓ , ପଲାଇ,*
*ବାଲିଚନ୍ଦ୍ରପୁର, ଯାଜପୁର,*
*ଦୂରଭାଷ : ୯୪୩୭୨୫୬୧୨୩*

# ସତ୍ୟବାଦୀ ସାହିତ୍ୟରେ ଉତ୍କଳୀୟ ପ୍ରାଣ

ଡ.ଇଂ.ସଞ୍ଜୟ କୁମାର ପଣ୍ଡା

ସତ୍ୟବାଦୀ ସାହିତ୍ୟର ଅୟମାରମ୍ଭ ପୂର୍ବରୁ ଉନବିଂଶ ଶତାବ୍ଦୀର ଶେଷ କାଳରେ ଓଡିଆ ଭାଷା ଆନ୍ଦୋଳନର ସୂତ୍ରପାତ ହୋଇଥିଲା । ଏହି ସାଂସ୍କୃତିକ ସନ୍ଧିକ୍ଷଣ କାଳରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଭ୍ୟତାର ସମନ୍ୱିତ ଭାବଧାରା ଚିନ୍ତା ଚେତନାକୁ ଜାଗ୍ରତ କରି ନୂତନ ରୂପ ପରିପ୍ରକାଶ କରିଥିଲା । ଏହି ଅମୃତମୟ ଫଳ ଶ୍ରୁତିରୁ ଆଧୁନିକ ଓଡିଆ ଭାଷାର ନବ ଉନ୍ମେଷ ସଂଘଟିତ । ପାଶ୍ଚାତ୍ୟ ସଭ୍ୟତାକୁ ପ୍ରସାରିତ କରିବାକୁ ଯାଇ ଖ୍ରୀଷ୍ଟଧର୍ମର ପ୍ରଚାର ପାଇଁ ଆବଶ୍ୟକ ଆଂଚଳିକ ଓଡିଆଭାଷାର ଆବଶ୍ୟକତା ହେତୁ ସଟନ ସାହେବଙ୍କ ଓଡିଆ ବ୍ୟାକରଣ ସଙ୍କଳନ ଓ ପାଠ୍ୟପୁସ୍ତକ ପ୍ରଣୟନ ଓଡିଆ ଭାଷାର ସମ୍ପ୍ରସାରଣର ମୂଳଭି ି ସ୍ଥାପନ କଲା । ଆଧୁନିକ ଶିକ୍ଷାକୁ ପ୍ରୋତ୍ସାହିତ କରି ନୂତନ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିବାର ମୂଳ ଅଭିସନ୍ଧି ଖ୍ରୀଷ୍ଟଧର୍ମ ପ୍ରଚାର ଥିଲେ ମଧ୍ୟ ଏହା ଭବିଷ୍ୟତ ଆନ୍ଦୋଳନରେ ସହାୟକ ହେଲା । ବିଭିନ୍ନ ପ୍ରକାର ଖ୍ରୀଷ୍ଟୀୟ ଧର୍ମ ପ୍ରଚାରପତ୍ର ଓ ପୁସ୍ତକ ମୁଦ୍ରଣ ନିମନ୍ତେ ସ୍ଥାପିତ ଛାପାଖାନା କଟକରେ କଟକ ପ୍ର ିଂପ୍ରେସ ସ୍ଥାପନ କରିବାକୁପ୍ରେରଣାଦେଲା । ଖ୍ରୀ ୧୮୬୩ରେ ନ୍ତଉତ୍କଳ ଦର୍ପଣନ୍ତ ପ୍ରଥମ ଓଡିଆ ସାହିତ୍ୟ ପତ୍ରିକା ରୂପେ ପ୍ରକାଶିତ ହୋଇ ଓଡିଆ ଭାଷାରେ ପୂର୍ଣ୍ଣମା ଯୋଗ ସୃଷ୍ଟି ହେବାର ଆଶା ସଂଚାର କଲା । କିନ୍ତୁ ଖ୍ରୀ ୧୮୭୦ ମସିହାରୁ ତତ୍‌କାଳୀନ ଇଂରେଜ ପ୍ରଶାସକ ହ ର ସାହେବ, ଜନ୍ ବିନ୍‌ସ ଓ ରେଭେନ୍‌ସାସାହେବ ଓଡିଆ ଭାଷା ,ସାହିତ୍ୟ, ସଂସ୍କୃତି, ଇତିହାସ, ପରମ୍ପରା ଆଦିର ପ୍ରନ୍ତ ିକ ଗବେଷଣା କରି ଓଡିଆ ଜାତିର ସ୍ୱତନ୍ତ୍ରତା ରାଷ୍ଟ୍ରୀୟ ସ୍ତରରେ ଉପନୀତ କରିବା ଦ୍ୱାରା ଓଡିଆ ଏକ ସ୍ୱତନ୍ତ୍ର ଭାଷାର ସ୍ୱର ଜାଗ୍ରତ ହେଲା, ଯାହାକି ପରବ ୀ ପର୍ଯ୍ୟାୟରେ ଫକୀର ମୋହନ ସେନାପତିଙ୍କ ଦ୍ୱାରା ଶାଣିତ ହେଲା । ଜନ୍ ବିନ୍‌ସଙ୍କ ଦ୍ୱାରା ଖ୍ରୀ ୧୮୭୦ରେ କଲିକତାର ଏସିଆଟିକ୍ ସୋସାଇଟିରେ ଏକ ପ୍ରବନ୍ଧ ଉପସ୍ଥାପନା ଓଡିଆ ଭାଷାର ପ୍ରାଚୀନତା, ସ୍ୱତନ୍ତ୍ରତା ଓ ମୌଳିକତାକୁ ପ୍ରମାଣିତ କରିଥିଲା । ଫଳରେ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ଓ ରାଜେନ୍ଦ୍ରଲାଲ ମିତ୍ରଙ୍କ ପରି ଚକ୍ରାନ୍ତକାରୀଙ୍କ କବଳରୁ ଓଡିଆ ଭାଷା ମୁକ୍ତ ହୋଇ ନିଜର ସୌରଭ ବିକିରିତ କରିବାରେ ସକ୍ଷମ ହେଲା । ଏହି ସାଂସ୍କୃତିକ ଜାଗରଣ ଓଡିଆ ଜାତିର ସ୍ୱାଭିମାନ ବିବର୍ଦ୍ଧିତ କରିବା ସହ ଭାରତୀୟ ଜାତୀୟ ବୋଧକୁ ପ୍ରଶସ୍ତିତ କଲା । ଶିକ୍ଷାର ପ୍ରଚାର ପ୍ରସାର ହେବାରୁ ହିନ୍ଦୁଧର୍ମରେ ସଂସ୍କାର ଆରମ୍ଭ ହେଲା ଓ ବିଧବା ପ୍ରଥା ଉଚ୍ଛେଦ ସହ ଅନେକ କୁସଂସ୍କାର ଓ ଅନ୍ଧବିଶ୍ୱାସର ମୂଳୋତ୍ପାଟନ ପର୍ବ ସୃଷ୍ଟି ହୋଇ ଆନ୍ତର୍ଜାତୀୟ ଚେତନା କ୍ରମଶଃ ସୃଷ୍ଟି ହେଲା । ଏହି ସମୟରେ ଫକୀର ମୋହନ ସେନାପତି, ରାଧାନାଥ ରାୟ, ଗଙ୍ଗାଧର ମେହେର, ମଧୁସୂନ ରାଓ, ନନ୍ଦକିଶୋର ବଳ, ବିଶ୍ୱନାଥ କରଙ୍କ ଜାତୀୟ ପ୍ରୀତି ଓ ଓଡିଆ ସାହିତ୍ୟର ଶାଣିତ ସ୍ୱର ଓଡିଆ ଭାଷାର ଅସ୍ମିତାକୁ ବିବର୍ଦ୍ଧିତ କରିବା ସହ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସ୍ୱରୂପର ବୀଜ ରୋପଣ ହେଲା । ରାଧାନାଥ ରାୟଙ୍କ ପାଶ୍ଚାତ୍ୟ ସାହିତ୍ୟର ଅନୁବାଦ ହେତୁ ଭାଷା ଆନ୍ଦୋଳନର ରୂପରେଖ କାବ୍ୟିକ ଧାରାରୁ ବିଚ୍ୟୁତ ହୋଇ ପ୍ରବନ୍ଧ, ଗଳ୍ପ, ଉପନ୍ୟାସ ଆଦି ଧାରାକୁ ସୃଷ୍ଟିକଲା, ଫଳସ୍ୱରୂପ ନ୍ତବିବେକୀନ୍ତ ନାମକ ଏକ ଦୀର୍ଘ ପ୍ରବନ୍ଧ ଓଡିଆ ପ୍ରବନ୍ଧର ପ୍ରଥମ ଆଖ୍ୟା ପ୍ରାପ୍ତ କଲା । ତାଙ୍କଦ୍ୱାରା ରଚିତ ଅନେକ କାବ୍ୟ ପାଶ୍ଚାତ୍ୟ ସାହିତ୍ୟରୁ ପ୍ରେରଣା ପ୍ରାପ୍ତ । ଗଙ୍ଗାଧର ମେହେରଙ୍କ ଭାଷାପ୍ରୀତି, ଧର୍ମୀୟଭାବ, ଅମୃତମୟ ଚିନ୍ତାଚେତନା ଓଡିଆଭାଷା ଜାଗରଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଏହି ସମୟରେ ମଧୁସୂଦନ ରାଓଙ୍କ ରଚିତ ବର୍ଣ୍ଣବୋଧ ଓଡିଆ ଭାଷାର ଶକ୍ତ ଭି ି ରୂପେ ପ୍ରତିପାଦିତ ହେଲା । ଫକୀର ମୋହନଙ୍କ ଲେଖନୀରୁ ଝଂକୃତ ହେଲା ....

ଭାଷା ହିଁ ଜୀବନୀ ଶକ୍ତି ଜାତି ମାନଙ୍କର
ଯେଉଁ ଜାତି ଭାଷାହୀନ ସେ ଜାତି ବଧିର ।

ରାଧାନାଥ ଯୁଗର ଅବସାନ ପରେ ଓଡିଆ ସାହିତ୍ୟରେ ସତ୍ୟବାଦୀ ଯୁଗର ଅୟମାରମ୍ଭ ହେଲା । ରାଧାନାଥ ରାୟଙ୍କ ପ୍ରେମରସ ଦିଗରୁ ଅପସରି ସତ୍ୟବାଦୀ ସାହିତ୍ୟ ଆଦର୍ଶବାଦ ଓ ଜାତୀୟ ଚିନ୍ତାଧାରାକୁ ପାଥେୟ କରି ସାହିତ୍ୟର ଭାବଧାରାକୁ ତୀକ୍ଷ୍ଣ କରିବାକୁ ଲାଗିଲା । ସାମାଜିକ ସଂସ୍କାର, ଆଦର୍ଶନୀତି, ପ୍ରପୀଡିତଙ୍କ ଉଦ୍ଧାର, ଓଡିଆ ଭାଷା ପ୍ରୀତିକୁ ଆଧାର କରି ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ନେତୃତ୍ୱରେ ପୁରୀ ଜିଲ୍ଲା ସତ୍ୟବାଦୀ ତମାଳ, ବକୁଳ ବନ ଘେରା ଛୁରୀଆନା କୁରେ ଗଢି ଉଠିଥିଲା ଉତ୍କଳ ସୁଯୋଗ୍ୟ ସନ୍ତାନ ନିର୍ମାଣକାରୀ ବନ ବିଦ୍ୟାଳୟ । ଏହି ବନ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଗଣ ସତ୍ୟବାଦୀ ପଚଂସଖା ରୂପେ ସୁପ୍ରସିଦ୍ଧ । ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର, ଆଚାର୍ଯ୍ୟ ହରିହର, କୃପାସିନ୍ଧୁଙ୍କୁ ନେଇ ପଚଂସଖା ସତ୍ୟବାଦୀ ସାହିତ୍ୟରେ ଅପୂର୍ବ ଭାଷା ପ୍ରୀତି ଜାଗ୍ରତ କରି ଓଡିଆ ଜାତିର ଶୌର୍ଯ୍ୟ ପ୍ରସାରିତ କରିଥିଲେ । ଏହି ଯୁଗ ଖ୍ରୀ ୧୯୧୦ରୁ ଆରମ୍ଭ ହୋଇ ଖ୍ରୀ ୧୯୨୧ ପର୍ଯ୍ୟନ୍ତ ସ୍ୱଳ୍ପ ସମୟରେ ସୀମିତ ଥିଲେ ମଧ୍ୟ ଆନ୍ଦୋଳନାତ୍ମକ, ଦେଶାତ୍ମବୋଧକ ବାଣୀ କେବଳ ସାହିତ୍ୟ ଜଗତକୁ ଋଦ୍ଧିମନ୍ତ କରିଥିଲା ତାହା ନୁହେଁ ବରଂ ଭାଷା ଓ ସଂସ୍କୃତି ଆଧାରରେ ଓଡିଆ ଜାତିକୁ ସଚେତନ କରାଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିବାର ଚେତନା ସଂଚାର କରିଥିଲା । ସତ୍ୟବାଦୀ ସାହିତ୍ୟର ସମାଜ ସଂସ୍କାର ମୂଳକ ବୈଜ୍ଞିକ ଚିନ୍ତାଧାରା ଓଡିଆ ପ୍ରାଣକୁ ପୁଲକିତ ଓ ଉନ୍ମାଦିତ କରିବାରେ ସକ୍ଷମ ହେଲା । ଏକ ଉନ୍ନତ କାବ୍ୟକଳା ମାଧ୍ୟମରେ ଦୀନ, ହୀନ ଜାତିରେ ପ୍ରାଚୀନ ସମୃଦ୍ଧ ଇତିହାସ ବୋଧ ଉ ୍ମଳନ କରି ଉନ୍ନତ ଭବିଷ୍ୟତର ଆଶା ସଚଂାର କଲା ସତ୍ୟବାଦୀ ସାହିତ୍ୟ । ସୁପ୍ତ ସଂସ୍କୃତିକୁ ଜାଗ୍ରତ କଲା ଆତ୍ମ ଜାଗୃତି ସମ୍ପନ୍ନ ସତ୍ୟବାଦୀ ସାହିତ୍ୟ । ଗୋପବନ୍ଧୁ ଦାସଙ୍କ ରଚିତ ପ୍ରଥମ କବିତା ସଂକଳନ ନ୍ତଅବକାଶ ଚିନ୍ତାନ୍ତ ଆଦର୍ଶ ଭାବ ଜାଗ୍ରତ କରିବା ସହ ଜାତୀୟତା ବୋଧର ଉ ାପ ବିତରଣ କରିଥିଲା । ନ୍ତବନ୍ଦୀର ଆତ୍ମକଥାନ୍ତ ରୂପକ ଖଣ୍ଡକାବ୍ୟ ଗୋପବନ୍ଧୁ ଦାସଙ୍କ ଅସହଯୋଗ ଆନ୍ଦୋଳନରେ କାରାବରଣ ସମୟର ସୃଷ୍ଟି । ୧୩ଗୋଟି କବିତାକୁ ନେଇ ଏହି କବିତା ସଙ୍କଳନ ଜାତୀୟ ଭାବ ଉଦ୍ରେକ କରିବାରେ ସକ୍ଷମ ହେଲା ।

କବିଙ୍କ ଭାଷାରେ ......

କାତରତ ସିନା କାପୁରୁଷ ପଣ
ବୀର ମାରେ ଅବା ମରେ କରି ରଣ
ପଛଘୁଂଚା ନାଇ ବୀରର ଜାତକେ
ନ ମରେ ସେ କେବେ ପରାଣ ଆତଙ୍କେ ।

ଓଡିଆ ଜାତିର ବୀରତ୍ୱ ଗାଥା ଗୋପବନ୍ଧୁ ଦାସଙ୍କ ଲେଖନୀରୁ ସ୍ୱତଃ ସିଦ୍ଧ । ଗୋପବନ୍ଧୁ ଦାସଙ୍କ ନେତୃତ୍ୱରେ ଭାଷାଭି ିକ ସ୍ୱତନ୍ତ୍ର ରାଜ୍ୟ ଗଠନ ନିମନ୍ତେ ୧୯୦୩ ମସିହାରେ ନ୍ତଉତ୍କଳ ସମ୍ମିଳନୀନ୍ତ ଗଠନ ହୋଇଥିଲା । ଏହି ଆନ୍ଦୋଳନରେ ଉତ୍କଳ ସମ୍ମିଳନୀ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ଜାତିପ୍ରୀତିରେ ସମଗ୍ର ଓଡିଆ ଜାତିକୁ ସୁସଙ୍ଗଠିତ ହେବାରେ ସହାୟକ ହେଲେ । ୧୯୦୫ ମସିହାରେ ସମ୍ବଲପୁରର ମିଶ୍ରଣ ଉତ୍କଳ ସମ୍ମିଳନୀର ଅନନ୍ୟ ଅନୁଭୂତି । ପୁଣ୍ୟଶ୍ଳୋକ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ତୁଙ୍ଗ ନେତୃତ୍ୱରେ ଉତ୍କଳ ସମ୍ମିଳନୀ ନିଜର ଉଗ୍ର ଜାତୀୟତାବାଦ ଭାବକୁ ପ୍ରଜ୍ୱଳିତ କରି ଓଡିଶା ପ୍ରଦେଶ ଗଠନ ଅନ୍ଦୋଳନର ବହ୍ନି ଜାଗରିତ କରି ୧୯୧୨ ମସିହାରେ ବିହାର ଓଡିଶା ପ୍ରଦେଶ ଗଠନରେ ସକ୍ଷମ ହେଲା । ପରବ ୀ ପର୍ଯ୍ୟାୟରେ ୧୯୩୬ ମସିହା ଏପ୍ରିଲ ଏକ ତାରିଖରେ ଭାଷାଭି ିକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେଲା ।

ଗୋପବନ୍ଧୁ ଦାସଙ୍କ କାବ୍ୟ କବିତାରେ ଯେତେ ଜାତୀୟତା ବୋଧ, ସାମାଜିକ ରୂପକଳ୍ପ ପ୍ରଦର୍ଶିତ ହୋଇଥିଲା, ତା’ଠାରୁ ଯଥେଷ୍ଟ ଅଧିକ ମାତ୍ରାରେ ପ୍ରବନ୍ଧ ରଚନାରେ ଗୁରୁ ଗମ୍ଭୀର ବାଣୀ ଗୁରିତ ହେଉଥିଲା । ଖ୍ରୀ ୧୯୧୫ ମସିହାରେ ମାସିକ ସାହିତ୍ୟ ପତ୍ରିକାର ନ୍ତସତ୍ୟବାଦୀନ୍ତର ସମ୍ପାଦକ ଥିଲେ ଉତ୍କଳମଣି । ପରବ ୀ ପର୍ଯ୍ୟାୟରେ ଖ୍ରୀ ୧୯୧୯ ମସିହାରେ ନ୍ତସମାଜନ୍ତ ଦୈନିକ ସମ୍ବାଦପତ୍ରର ସମ୍ପାଦକ ଦାୟିତ୍ୱ ନିର୍ବାହ କରି ଏକାଧାରରେ ସାହିତ୍ୟିକ, ସମାଜସେବୀ, ସମ୍ପାଦକ, ସ୍ୱାଧିନତା ସଂଗ୍ରାମୀର ଦକ୍ଷତା ପ୍ରତିପାଦିତ କରିଛନ୍ତି ଗୋପବନ୍ଧୁ ଦାସ । ନିଜର ପ୍ରଜ୍ଞାଦୀପ୍ତ ପରାକାଷ୍ଠାର ନିଦର୍ଶନ ସ୍ୱରୂପ ରଚନା କରିଛନ୍ତି ସଂସ୍କାରଧର୍ମୀ, ସ୍ୱାଧିନ ଚେତା, ଶିକ୍ଷା ସମ୍ବନ୍ଧୀୟ ଅନେକ ସୃଷ୍ଟି । କବିର ସରଳ ଅମାୟିକ ବ୍ୟକ୍ତିତ୍ୱ ସାଧାରଣ ଜନମାନସକୁ ଯଥେଷ୍ଟ ପ୍ରଭାବିତ କରିଥିବାରୁ ନିଜର ଉତ୍କଳୀୟ ପ୍ରୀତି, ଈଶ୍ୱରୀୟ ଭକ୍ତି, ସ୍ୱାଧିନ ଚିନ୍ତା ମାଧ୍ୟମରେ ଜନ ଜାଗରଣ ସୃଷ୍ଟି କରିପାରିଛନ୍ତି । ଦୀନ ହୀନଙ୍କ ସେବା, ବନ୍ୟା, ବାତ୍ୟା ପରି ଦୁର୍ଦ୍ଦିନ ସମୟରେ ପ୍ରଦାନ କରି ଏ ମାଟିର ମଉଡମଣି ରୂପେ ପ୍ରସିଦ୍ଧ ଅର୍ଜନ କରିଛନ୍ତି । ହିନ୍ଦୁଭାବେ ନିଜକୁ ଗର୍ବିତ କରି ଲେଖିଛନ୍ତି ନ୍ତକୋକିଳନ୍ତ କବିତାରେ –

ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ
ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତ ବିନ୍ଦୁ ।

ଗୋପବନ୍ଧୁ ନ୍ତଧର୍ମପଦନ୍ତ କାବ୍ୟରେ ଓଡିଆ ଜାତିର ଗୌରବମୟ ଇତିହାସକୁ ବର୍ଣ୍ଣନା କରିବା ସହ ଗାଥାକବିତା ମାଧ୍ୟମରେ ଧର୍ମପଦର ନିଃସ୍ୱାର୍ଥପର ଆତ୍ମବଳିଦାନ ସମଗ୍ର ଓଡିଆ ଜାତିର ମନ ବିବର୍ଦ୍ଧିତ କରିପାରିଛି ।

କବିଙ୍କ ତୁଳୀରେ ....

ଏ ଜଗତ ବାପା ମହା ମୁଖଶାଳା
ନରନାରୀ ଯଜମାନ
ସେହି କୃତୀ ଯେହୁ ପରହିତେ କର
ଜୀବନ ଆହୁତି ଦାନ ।

ଓଡିଆ ଜୀବନ ଏ ଜଗତର ଗୌରବ ଗାଥା ବିବର୍ଦ୍ଧନ ନିମନ୍ତେ ଉଦ୍ଦିଷ୍ଟ । ପୁନଶ୍ଚ ଓଡିଆ କୃତିକୁ ପରହିତରେ ସମର୍ପିତ କରି ଆବଶ୍ୟକ ହେଲେ ଜୀବନ ଆହୁତି ଦେବାକୁ ପଶ୍ଚାତ୍‌ପଦ ହୋଇ ନ ଥାଏ । ଏହି ଦିବ୍ୟ ଭାବ ସତ୍ୟବାଦୀ ସାହିତ୍ୟରେ ସ୍ପଷ୍ଟ ଦୃଶ୍ୟମାନ ।

ଗୋପବନ୍ଧୁ ଦାସ ନିଜର ସାହିତ୍ୟ କୃତିରେ ଉତ୍କଳ ଦୁର୍ଗତି ଅସହ୍ୟ ବୋଲି ବର୍ଣ୍ଣନା କରିବା ସହ ଧର୍ମୀୟ ଭାବନାରେ ସମଗ୍ର ଜାତିକୁ ବାନ୍ଧି ରଖି ଉତ୍କଳୀୟ ଜାଗରଣ ସୃଷ୍ଟି କରିଛନ୍ତି । ଯାହା ଏଠାରେ ପ୍ରଣିଧାନ ଯୋଗ୍ୟ ।

ଉତ୍କଳବାସୀର ଦେଖି ଏ ଦୁର୍ଗତି
ଦାରୁ ଭୂତ କିହେ ନୀଳାଚଳ ପତି
ମାତ୍ର ବୁଝ ଭାଇ ହେଲେ ଧର୍ମବଳ
ନବ ତେଜେ ପୁଣି ଜାଗିବ ଉତ୍କଳ ।

ଗୋପବନ୍ଧୁ ଦାସ ନିଜର ନେତୃତ୍ୱର ପରାକାଷ୍ଠା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ମଧ୍ୟରେ ସୀମିତ ନ ରଖି ମହାତ୍ମାଗାନ୍ଧିଙ୍କ ଦ୍ୱାରା ଆହୁତ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ । ତାଙ୍କ ଦ୍ୱାରା ରଚିତ ଅନେକ କାବ୍ୟ କବିତା, ପ୍ରବନ୍ଧଉଗ୍ର ଜାତୀୟତା ଭାବ ଜାଗ୍ରତ କରୁଥିଲା । ସତ ହେଲେ ପ୍ରତ୍ୟେକ ବାଣୀରେ ଥିଲା ଅହିଂସାର ପରମ ମନ୍ତ୍ର । ନିଜର ନିଃସ୍ୱାର୍ଥପର ସେବା ଓ ସ୍ୱାଧିନଚେତା ମନୋଭାବହେତୁ ଫିରିଙ୍ଗି ଶାସନର ରୋଷର ଶୀକାର ହୋଇ କାରାବରଣ କରିଥିଲେ ସୁଦ୍ଧା ନିଜର ଲେଖନୀ ମୂନକୁ ଖରସ୍ରୋତା କରିଛନ୍ତି ଇଂରେଜ ଶାସନ ବିରୋଧରେ । ତାଙ୍କର ବଜ୍ର ଗମ୍ଭୀର ବାଣୀ ସମଗ୍ର ଉତ୍କଳୀୟଙ୍କୁ ସ୍ୱାଧିନତା ଆନ୍ଦୋଳନରେ ଝାସ ଦେବାକୁ ପ୍ରେରଣା ଯୋଗାଇଥିଲା ।

ସ୍ୱାଧିନତା ମାନବ ଜନ୍ମ ଅଧିକାର
ସ୍ୱାଧିନ ଭାଷଣ ଆଉ ସ୍ୱାଧିନ ବିହାର
ସ୍ୱାଧିନ ଭାଷଣ ପୁଣି ସ୍ୱାଧିନ ସମିତି
ଚାରି ସ୍ତମ୍ଭେ ମାନବର ସମାଜ ସଂସ୍ଥିତି ।

ସତ୍ୟବାଦୀ ସାହିତ୍ୟ କେବଳ ଯେ ଜାତୀୟ ପ୍ରେମ ସୃଷ୍ଟି କରୁଥିଲା, ତାହା ନୁହେଁ । ଏଥି ସହିତ ପ୍ରତ୍ୟେକ ସୃଷ୍ଟିରେ ସାମାଜିକ ଚଳଣି, ବିଧିବ୍ୟବସ୍ଥା, ରୀତିନୀତିର ବ୍ୟାଖ୍ୟା ସ୍ପଷ୍ଟ ଅନୁଭୂତ । ପୁନଶ୍ଚ ଧର୍ମୀୟ ଭାବନା ଜାଗ୍ରତ କରି ସମଗ୍ର ଓଡିଆ ଜାତି ଆଦର୍ଶ ଜୀବନ ଅତିବାହିତ କରି ସାମାଜିକ ସହାବସ୍ଥାନ ପ୍ରତିଷ୍ଠା କରିବା ଏହି ଯୁଗ ସାହିତ୍ୟର ଅନ୍ୟତମ ଲକ୍ଷ୍ୟ । ଓଡିଶାର ପ୍ରାଣ ହେଉଛନ୍ତି ନ୍ତଜଗନ୍ନାଥନ୍ତ । ତାଙ୍କୁ ନେଇ ସମଗ୍ର ଓଡିଆ ଏକ ଓ ଅଭିନ୍ନ । ଏଣୁ ଗୋପବନ୍ଧୁ ଲେଖିଛନ୍ତି –

ନ୍ତ ଉତ୍କଳେ ନେତାର ନାହିଁ ପ୍ରୟୋଜନ
ଉତ୍କଳର ନେତା ସ୍ୱୟଂ ନାରାୟଣ ନ୍ତ

ଧର୍ମୀୟ ଭାବନା ସହ ପ୍ରତ୍ୟେକ ଉତ୍କଳୀୟ ଯେ ବିଶ୍ୱ ଚେତନା ଓ ସଂହତିର ଅନୁପନ୍ଥୀ, ଏହା ସତ୍ୟବାଦୀ ସାହିତ୍ୟରୁ ସ୍ପଷ୍ଟ ଅନୁମିତ । ନ୍ତକର୍ମ ହିଁ ଭଗବାନନ୍ତ ଏହି ନୀତି ଆଦର୍ଶର ଅନ୍ୟତମ ଉପାସକ ଉତ୍କଳୀୟ ପ୍ରାଣ । ନିଜର ଜାତି ପ୍ରୀତିକୁ ଉଜ୍ଜୀବିତ ରଖି ବିଶ୍ୱଚେତନା ଉଦ୍‌ବୁଦ୍ଧ ହୋଇ ସାରା ବିଶ୍ୱକୁ ମୈତ୍ରୀ ଭାବରେ ବାନ୍ଧି ରଖି ନ୍ତବସୁଧୈବ କୁଟୁମ୍ବକମ୍ନ୍ତ ନ୍ୟାୟରେ ସମଗ୍ର ବିଶ୍ୱକୁ ପ୍ରେରିତ କରିବାର ପରାକାଷ୍ଠା ରଖିଥାଏ ଉତ୍କଳୀୟ । ଏଣୁ ଗୋପବନ୍ଧୁଙ୍କ ଭାଷାରେ –

ମାନବ ଜୀବନ ନୁହଁଇ କେବଳ
ବର୍ଷ-ମାସ-ଦିନ-ଦଣ୍ଡ
କର୍ମେ ଜୀଏଁ ନର କର୍ମ ଏକା ତାର
ଜୀବନର ମାନଦଣ୍ଡ ।

ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପରି ଅନ୍ୟ ସଖାଙ୍କ ସାହିତ୍ୟକୃତିରେ ଏ ସମାଜ ଉଦ୍‌ବୁଦ୍ଧହୋଇଥିଲେ ମଧ୍ୟ ପୁଣ୍ୟଶ୍ଳୋକ ଗୋପବନ୍ଧୁ (ଉତ୍କଳ ଗାନ୍ଧୀ କହିଲେ ଅତ୍ୟୁକ୍ତି ହେବ ନାହିଁ )ଙ୍କ ଉତ୍କଳ ପ୍ରଦେଶ ଗଠନରେ ଆତ୍ମବଳି ଚିର ବନ୍ଦନୀୟ । ସତ୍ୟବାଦୀ ସାହିତ୍ୟରେ ଗୋପବନ୍ଧୁ ଦାସଙ୍କ ଅନନ୍ୟ ଅବଦାନ ଉତ୍କଳୀୟ ପ୍ରାଣକୁ ଆହ୍ଲାଦିତ କରୁଥିବାରୁ ତାଙ୍କୁ ହୃଦୟ ସମ୍ରାଟ ଭାବେ ଉତ୍କଳୀୟ ଗ୍ରହଣ କରି ନେଇଛନ୍ତି, ଯାହା ଅବିସ୍ମରଣୀୟ ।

*ଶିକ୍ଷାବିତ, ପ୍ରାକ୍ତନ ଅର୍ଥକମିଟି ସଦସ୍ୟ*
*ଓଡିଶା ସାହିତ୍ୟ ଏକାଡେମୀ, ବୌଦ୍ଧ*

# ମହାଲଢେଇର ସଂକେତ


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

୨୦୨୪ ଲୋକସଭା ଓ ବିଧାନସଭା ନିର୍ବାଚନରେ ରାଜ୍ୟର ଶାସକ ବିଜେଡି ଓ ମୁଖ୍ୟ ବିରୋଧିଦଳ ବିଜେପି ମଧ୍ୟରେ ମେଂଟ ନେଇ ରାଜ୍ୟର ରାଜନୈତିକ ମାହୋଲକୁ ଦୀର୍ଘ ଦିନ ଧରି ସରଗରମ ରଖିଥିବା ଚର୍ଚ୍ଚାର ଅବସାନ ଘଟିବା ପରେ ଦୁଇ ଦଳ ମଧ୍ୟରେ ଅନ୍ତତଃ ବନ୍ଧୁତ୍ୱପୂର୍ଣ୍ଣ ଲଢେଇ ହେବ ବୋଲି ଯାହା ଆଶଙ୍କା କରାଯାଉଥିଲା, ତାହା ମିଥ୍ୟା ଏବଂ ଗୁଜବ ପ୍ରମାଣିତ ହୋଇଥିବା ଉଭୟ ଦଳର ପ୍ରାର୍ଥୀ ଚୟନ ସ୍ପଷ୍ଟ ସଂକେତ ପ୍ରଦାନ କରିଛି ବୋଲି ନିସନ୍ଦେହରେ କୁହାଯାଇପାରିବ । ଆସନ୍ତା ମେ’ ୧୯ତାରିଖରୁ ଜୁନ୍ ୧ମଧ୍ୟରେ ଚାରୋଟି ପର୍ଯ୍ୟାୟରେ ରାଜ୍ୟରେ ଉଭୟ ଲୋକସଭା ଓ ବିଧାନସଭା ପାଇଁ ଭୋଟ ଗ୍ରହଣ ହେବାକୁ ଯାଉଥିବାବେଳେ ଇତିମଧ୍ୟରେ ବିଜେପି ୨୧ଟି ଲୋକସଭା ଆସନ ମଧ୍ୟରୁ ୧୮ଟି ଏବଂ ବିଜେପି ୧୫ଟି ଲୋକସଭା ଓ ୭୨ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି । ବିଜେପି ଆଗୁଆ ଲୋକସଭା ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିବାରୁ ବିଜେଡି ବୁଝିବିଚାରି ତଥା ନିର୍ବାଚନ ମଣ୍ଡଳୀ ଓ୍ୱାରୀ ସମୀକ୍ଷା କରି ପ୍ରାର୍ଥୀ ଦେଇଛି । ଯାହାକି ଦୁଇଦଳ ମଧ୍ୟରେ କଡା ମୁକାବିଲା ହେବାର ସଂକେତ ପ୍ରଦାନ କରିଛି । ଏଥି ମଧ୍ୟରୁ ୬ଟି ଲୋକସଭା ଆସନ ତଥା ସମ୍ବଲପୁର, ଭୁବନେଶ୍ୱର, ପୁରୀ, କେନ୍ଦ୍ରାପଡା, କଟକ ଏବଂ ରାଉରକେଲାରେ କଡା ଟକ୍କର ନୁହେଁ, ମହାଲଢେଇ ହେବା ନେଇ ଆଶଙ୍କା ସୃଷ୍ଟି ହେଲାଣି । ଉଦାହରଣ ସ୍ୱରୂପ ସମ୍ବଲପୁରରେ କେନ୍ଦ୍ରମନ୍ତ୍ରୀ ତଥା ରାଜ୍ୟରେ ବିଜେପିର ସବୁଠୁ ଝାମୁଆ ନେତା ଭାବେ ପରିଚିତ ଧର୍ମେନ୍ଦ୍ର ପ୍ରଧାନ ଦୀର୍ଘ ବର୍ଷର ବ୍ୟବଧାନ ପରେ ପ୍ରତ୍ୟକ୍ଷ ନିର୍ବାଚନକୁ ଓହ୍ଲାଇବା ଥିବାବେଳେ ବିଜେଡି ଦଳର ସାଂଗଠନିକ ସମ୍ପାଦକ, ତଥା ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ ପ୍ରାର୍ଥୀ କରିଛି । କହିବା ବାହୁଲ୍ୟ ଯେ, ଧର୍ମେନ୍ଦ୍ର ନିର୍ବାଚନ ପରିଚାଳନାରେ ଜଣେ ଦକ୍ଷ ଓ ପ୍ରବୀଣ ନେତା ଭାବରେ ବିଜେପି ମହଲରେ ପରିଚିତ ଥିବାବେଳେ ପ୍ରଣବ ମଧ୍ୟ କୌଣସି ଗୁଣରେ କମ ନୁହଁନ୍ତି । ତାଙ୍କର ସାଂଗଠନିକ ଦକ୍ଷତା ଅଦ୍ୱିତୀୟ ବୋଲି ରାଜନୈତିକ ସମୀକ୍ଷକମାନେ କହନ୍ତି, ଶାସକ ଓ ମୁଖ୍ୟ ବିରୋଧି ଦଳର ଦୁଇ ଟାଣୁଆ ନେତାଙ୍କ ମଧ୍ୟରେ ଲଢେଇ ଉପରେ ଏବେ ସାରା ରାଜ୍ୟର ନଜର ରହିବା ସ୍ୱାଭିବକ । ସେହିପରି ଭୁବନେଶ୍ୱର ଲୋକସଭା ଆସନରେ ବିଜେପି ପ୍ରାର୍ଥୀତ୍ୱ ତଥା ସାଂସଦ ଅପରାଜିତା ଷଡଙ୍ଗୀଙ୍କ ବିରୁଦ୍ଧରେ ବିଜେଡି ନବାଗତ ମନ୍ମଥ ରାଉତରାୟଙ୍କୁ ପ୍ରାର୍ଥୀ କରିଛି । ରାଜନୀତିରେ ମନ୍ମଥ ନୂଆ ହୋଇଥିଲେ ମଧ୍ୟ ତାଙ୍କ ପିତାଙ୍କ ଭୋଟରମାନଙ୍କ ଆକର୍ଷିତ କରିବାର ଦକ୍ଷତା ଏବଂ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଏଠାରେ ମହାଲଢେଇରେ ସମ୍ଭାବନାକୁ ଅଣଦେଖା କରାଯାଇନପାରେ । ସେହିପରି କେନ୍ଦ୍ରାପଡା ବିଜେଡିର ଏକ ଅଭେଦ୍ୟ ଦୁର୍ଗ ଭାବେ ଦୀର୍ଘ ୬ଦଶନ୍ଧି ଧରି ରହିଥିବାବେଳେ ଅଭିଜ୍ଞ ରାଜନୈତିର ତଥା ପୂର୍ବତନ ସାଂସଦ ବୈଜୟନ୍ତ ପଣ୍ଡା ବିଜେପି ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଥିବାବେଳେ ଯୁବନେତା ତଥା ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତିଙ୍କୁ ବିଜେଡି ପ୍ରାର୍ଥୀ କରିଛି । ଏଠାରେ ମଧ୍ୟ ମହାଲଢେଇକୁ ଅସ୍ୱୀକାର କରାଯାଇନପାରେ । ସେହି ରାଜ୍ୟର ଦୁଇ ଅନ୍ୟତମ ମର୍ଯ୍ୟଦା ଜନକ ଲୋକସଭା ଆସନ ଭାବେ ପରିଚିତ କଟକ ଓ ପୁରୀ ଓ ରାଉରକେଲାରେ ମଧ୍ୟ ଲଢେଇ ହୋଇପାରେ ବୋଲି ନିର୍ବାଚନ ସମୀକ୍ଷକମାନଙ୍କ ଆକଳନକୁ ଏଡାଇ ଦେଇ ହେଉ ନାହିଁ । ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟ ବିଧାନସଭା ନିର୍ବାଚନ ପାଇଁ ବିଜେପି ଓ କଂଗ୍ରେସ ବର୍ତ୍ତମାନ ସୁଦ୍ଧା ପ୍ରାର୍ଥୀ ତାଲିକା ଘୋଷଣା କରିନଥିବାବେଳେ ବିଜେଡି ୧୪୭ଟି ନିର୍ବାଚନ ମଣ୍ଡଳୀ ମଧ୍ୟରୁ ୭୨ଟି ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି । ଦଳର ସୁପ୍ରିମୋ ବହୁ ଭାବିଚିନ୍ତି, ବୁଝିବିଚାରି ବିଜୟ ସମ୍ଭାବନା ଉଜ୍ଜ୍ୱଳ ଥିବା ନେତାମାନଙ୍କୁ ଟିକେଟ ପ୍ରଦାନ କରିଛନ୍ତି । ଯାହାକି ବିଜେଡିର ବିଜୟ ସମ୍ଭାବନାକୁ ଉଜ୍ଜ୍ୱଳ ରହିଛି । ଅନ୍ୟପକ୍ଷରେ ତାଙ୍କ ସମକକ୍ଷ ଜଣେ ଜଣେ ନେତାଙ୍କୁ ସୃଷ୍ଟି କରିବାରେ ଉଭୟ ବିଜେଡି ଓ କଂଗ୍ରେସ ବିଫଳ ହୋଇଛନ୍ତି, ବୋଧହୁଏ ଏଥିରେ କେହି ଅସହମତ ହେବେ ନାହିଁ । କେବଳ ଏତିକି ନୁହେଁ, ଲଗାତାର ୨୪ବର୍ଷର ଶାସନ ସତ୍ତ୍ୱେ ନବୀନ ସରକାର ବିରୁଦ୍ଧରେ ସରକାର ବିରୋଧି ଜନମତ ସୃଷ୍ଟି ହୋଇନାହିଁ । ଏହା ନିସନ୍ଦେହ ଯେ, ବିଜେପିର ଅବକୀବାର, ଚାରିଶହ ପାର ’ନାରା ପରେ ରାଜ୍ୟର ୨୧ଟି ଯାକ ଲୋକସଭା ହାତେଇବା ପାଇଁ ଦଳର କେନ୍ଦ୍ରୀୟ ନେତୃତ୍ୱ ବିଜେଡି ସହ ମେଂଟ ପାଇଁ ପ୍ରୟାସ କରିଥିବା କହିବା ଭୁଲ ହୋଇନପାରେ । ବିଜେଡି ମଧ୍ୟ ପ୍ରସ୍ତାବାରେ ସହମତ ଥିଲା, ଯାହାକି ୫ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନଙ୍କ ସାକ୍ଷାତକାରରୁ ସ୍ପଷ୍ଟ ହୋଇଥିଲା । ମାତ୍ର ମେଂଟକୁ ରାଜ୍ୟନେତାଙ୍କ ବିରୋଧ ଏବଂ ଆସନ ବଂଟନରେ ଅସହମତି ଯୋଗୁଁ ଶେଷ ମୁହୂର୍ତ୍ତରେ ମେଂଟ ପ୍ରୟାସ ଫସର ଫାଟିଯାଇଥିଲା । ଚଳିତ ସପ୍ତଦଶ, ଲୋକସଭାରେ ବିଜେଡି ୧୨ଟି, ବିଜେପି ୮ଟି ଏବଂ କଂଗ୍ରେସ ଗୋଟିଏ ଆସନ ଅକ୍ତିଆର କରିଥିବା ବେଳେ ଚଳିତ ନିର୍ବାଚନରେ ୪୦୦ ଆସନ ପାର ନେଇ ୨୧ଟି ଯାକ ଆସନ ହାତେଇବା ପାଇଁ ବିଜେପି ମେଂଟ ପ୍ରୟାସ କରିବା ସ୍ୱାଭାବିକ ଥିଲା । କହିବା ବାହୁଲ୍ୟ ଯେ, ୨୦୦୯ ପର୍ଯ୍ୟନ୍ତ ବିଜେଡି ଏନଡିଏର ଅଂଶୀଦାର ଥିବାବେଳେ ଏବେ କେନ୍ଦ୍ରର ବିଜେପି ସରକାରଙ୍କୁ ବିଭିନ୍ନ ସଂକଟ ସମୟରେ ନିସର୍ତ୍ତ ସମର୍ଥନ କରିଆସିଛି । ଏପରିକି ଆବଶ୍ୟକୀୟ ଭୋଟ ନଥାଇ ବିଜେଡି ସମର୍ଥନରେ ବିଜେପିର ଜଣେ ସଦସ୍ୟ ଦୁଇଥର ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି । ଯାହାକି ପୁନର୍ବାର ମେଂଟ ଗଠନର ପଥ ସୁଗମ କରିଥିଲା । ଏହା ନିସନ୍ଦେହ ଯେ, ଲୋକସଭାରେ ସଂଖ୍ୟା ବଢାଇବା ପାଇଁ ବିଜେଡି ସହ ପୁନର୍ବାର ମେଂଟ ଲାଗି ବିଜେପି କେନ୍ଦ୍ରୀୟ ନେତୃତ୍ୱ ମୁଖ୍ୟ ଲକ୍ଷ୍ୟ ଥିଲା । ଏବେ ମେଂଟ ପ୍ରୟାସ ବିଫଳ ହେବା ପରେ ଦୁଇ ଦଳ ମଧ୍ୟରେ କଡା ମୁକାବିଲା ଆସନ୍ନ ହୋଇପଡିଛି ବୋଲି କହିଲେ ହୁଏ ଅତ୍ୟୁକ୍ତି ହେବ ନାହିଁ ।

*ସମ୍ମାନ ଭବନ,*
*ଫ୍ଲାଟ ନଂ-୫୮/୩୫୮୧,*
*ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩, ଶିଶୁପାଳଗଡ,*
*ମୋବାଇଲ ନଂ-୯୪୩୭୯୯୪୩୭୯*

# ଭିନ୍ନଭିନ୍ନ ଦୃଷ୍ଟିକୋଣ


ପ୍ରଦୀପ୍ତ କୁମାର ମିଶ୍ର

ମଣିଷ ପ୍ରକୃତରେ ଏକ ଆଶ୍ଚର୍ଯ୍ୟ ,ଯାହାସବୁକୁ ନେଇ ଭାବିଲେ ସେମିତି ଲାଗେ ।ତାପାଇଁ ଈଶ୍ୱରଯେଉଁ ମାନସିକ ଭାବନାଟିଏ ଦେଇଛନ୍ତି ତାହା ଅନ୍ୟମାନଙ୍କ ଠାରୁ ସ୍ୱତନ୍ତ୍ର ।ଗୋଟିଏ ଆଶ୍ରମରେ ଥରେ ଜଣେ ଗୁରୁ ସେମାନଙ୍କ ଶିଷ୍ୟମାନଙ୍କୁ ଗୋଟିଏ ବୃକ୍ଷର ଶୀର୍ଷରେ କଣ ଅଛି ବୋଲି ପ୍ରଶ୍ନ କଲେ ।ସମସ୍ତେ ଗଛର ଶୀର୍ଷକୁ ଲକ୍ଷ କରିବାର ଲାଗିଲେ ।କିଛି ସମୟ ଲକ୍ଷ କଲାପରେ ଜଣେ ପ୍ରଥମେ କହିଲେ ଗୁରୁଦେବ ଗଛ ଉପରେ ଆକାଶରେ ଏକ ମେଘଖଣ୍ଡ ଭାସିଯିବାର ଦେଖୁଛି ।ଅନ୍ୟଜଣେ କହିଲେ ଗଛର ପତ୍ରଗହଳି ମୁଁ ଦେଖିପାରୁଛି ।କିଛି ଡାଳ ପତ୍ର ଆକାଶ କହିଲେ ।ସବୁଠାରୁ ମେଧାବୀ ଛାତ୍ରଟି କହିଲା ଗୁରୁଦେବ ମୁଁ ଶୀର୍ଷରେ ଚ଼ ? ?ଇଟିଏ ଦେଖୁଛି ଯେଉଁ ପକ୍ଷୀଟି ତାର ଗୋଟିଏ ଲୟରେ ଏକ ଦିଗକୁ ଚ଼ାହିଁଛି ।ଗୁରୁଦେବ ସନ୍ତୋଷ ପ୍ରକଟ କଲେ ଏବଂ କହିଲେ ସମସ୍ତଙ୍କର ଦୃଷ୍ଟିଭଙ୍ଗୀକୁ ମୁଁ ନିରୀକ୍ଷଣ କରୁଥିଲି,ପକ୍ଷୀ କିମ୍ବା ଡାଳ ପତ୍ର ମୋର ଲକ୍ଷ ନଥିଲା କେବଳ ଭିନ୍ନ ଭିନ୍ନ ଦୃଷ୍ଟିକୋଣକୁ ଅନୁଭବ କରୁଥିଲି ।

ରାମଙ୍କ ସହ ବନବାସବେଳେ ଲକ୍ଷ୍ମଣ ତାଙ୍କର ସାଥେ ସାଥେ ରହିଥିଲେ,ପ୍ରତ୍ୟେକ କାର୍ଯ୍ୟ ପୂର୍ବରୁ ଲକ୍ଷ୍ମଣଙ୍କର ଦ୍ରୁତ ଚ଼ିନ୍ତନ ଥିଲା ଅପରପକ୍ଷରେ ରାମ ସବୁକଥାକୁ ନିରୀକ୍ଷଣ କରୁଥିଲେ ଓ ଉଚ଼ିତ ସମୟରେ ଉଚ଼ିତ ପଦକ୍ଷେପ ନେଉଥିଲେ ।କାହାକୁ ଦଣ୍ଡ ଦେବାର ପୂର୍ବରୁ ତାର ଭୁଲ ମାର୍ଜନା ପାଇଁ ସୁଯୋଗ ଦେଉଥିଲେ ।ସେହି କ୍ରମରେ ରଷି ଅଗସ୍ତ୍ୟଙ୍କ ଆଶ୍ରମ ରେ ମହର୍ଷିଙ୍କର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ବୁଝାଇବାକୁ ଯାଇ ରାବଣର ଗୁରୁତ୍ୱ ସମ୍ପର୍କରେ କହୁଥିଲା ବେଳେ ଲକ୍ଷ୍ମଣ ଆମେ ରଘୁବଂଶୀ ବୋଲି ଅଗତ୍ୟା କହିଦେଲେ ।ଯେଉଁକଥା ରଷି ଅଗସ୍ତିଙ୍କୁ ଭଲ ଲାଗିନଥିଲା କିନ୍ତୁ ପରିସ୍ଥିତିକୁ ସାମାନ୍ୟ କରିବାକୁ ଯାଇ ରାମଚ଼ନ୍ଦ୍ର ଲକ୍ଷ୍ମଣ ଙ୍କ ଧୃଷ୍ଟତା ପାଇଁ କ୍ଷମାମାଗିଥିଲେ ।ମହର୍ଷି ଅଗସ୍ତି ରାମଙ୍କର ବ୍ୟବହାରରେ ସନ୍ତୁଷ୍ଟ ହୋଇ ତାଙ୍କୁ ଧର୍ଯ୍ୟର ବର ପ୍ରଦାନ କରିଥିଲେ ।ଏଠାରେ ଏହିକଥାର ତାତ୍ପର୍ଯ୍ୟ ହେଉଛି ଦୁଇଭାଇ ସର୍ବଦା ଜଣେ ଜଣଙ୍କର ପରିପୂରକ ହେଲେ ମଧ୍ୟ ପ୍ରତ୍ୟେକ କଥାରେ ଭିନ୍ନ ଭିନ୍ନ ଦୃଷ୍ଟିକୋଣ ରହିଥିଲା ।କିଏ କୋଉ କଥାକୁ କିପରିଭାବରେ ଅନୁଭବ କରିବ ସେହିଟି ତାର ଚ଼ିନ୍ତନ ଓ ଭାବନା ଉପରେ ନିର୍ଭର କରିଥାଏ ।ବିଶ୍ୱାମିତ୍ର ରଷି ରାଜର୍ସି ରୁ ବ୍ରହ୍ମର୍ଷି ହେବାପାଇଁ ବଶିଷ୍ଠଙ୍କର ବହୁ କ୍ଷତି କରିଥିଲେ,କିନ୍ତୁ ବଶିଷ୍ଠ ସେହିପରି ସ୍ଥିତପ୍ରଜ୍ଞ ଥିଲେ ।ଏହି ଗୁଣକୁ ଲକ୍ଷ କରି ଶେଷରେ ବିଶ୍ୱାମିତ୍ର ସରଳତା ଆପଣେଇଲେ ଯେଉଁଥିରେ ତାଙ୍କୁ ବଶିଷ୍ଠ ମଧ୍ୟ ବ୍ରହ୍ମର୍ଷି ଆଖ୍ୟା ଦେଇଥିଲେ । ଶ୍ରେଣୀରେ ସମସ୍ତ ଛାତ୍ରଛାତ୍ରୀ ମାନଙ୍କର ଶିକ୍ଷା ନେବାର ମନୋଭାବ ନଥାଏ ।ସାଧାରଣତଃ ପ୍ରାଥମିକ ସ୍ତରରେ ପିଲାମାନଙ୍କର ସମାନ ଦୃଷ୍ଟିଭଙ୍ଗୀ ଦେଖାଗଲା ବେଳେ କୈଶୋର ବୟସରେ ସେମାନଙ୍କର ମନୋଭାବର ପରିବର୍ତ୍ତନ ତାଙ୍କର ପରିବେଶ ମିଶୁଥିବା ପିଲା ଓ ସର୍ବୋପରି ବାପା ମାଆଙ୍କ ଠାରୁ ଆସିଥାଏ ।ସେତେବେଳେ ଦୃଷ୍ଟିକୋଣ ଭିନ୍ନ ଭିନ୍ନ ହୋଇଯାଏ ।କିଏ ପଢ଼ିବାର ଚ଼ିନ୍ତା ରେ ଥାଏ ତ କିଏ ଅନ୍ୟଚ଼ିନ୍ତନ ମନକୁ ଆଣେ ଓ ଅନ୍ୟମନସ୍କ ହୋଇ ପାଠକୁ ହରାଇବସେ ।ଦୃଷ୍ଟିକୋଣର ଯାହାର ଯେତେ ସକାରାତ୍ମକ ସେ ସେତେ ଆଗେଇବାରେ ସକ୍ଷମ ହୋଇଥାଏ ।ସବୁବେଳେ ସବୁଥିରେ ଯଦି ଆମ ଦୃଷ୍ଟିକୋଣ ସକାରାତ୍ମକ ରହେ ତେବେ ଆମେ ସେହିପରି ଉନ୍ନତ୍ତ ଫଳାଫଳ ପାଇବାକୁ ସକ୍ଷମ ହୋଇପାରିବା ।ଏହା ଅବଶ୍ୟ ନିଜର ଚ଼ିନ୍ତନଉପରେ ନିର୍ଭର କରେ ।ତେବେ ଆମେ ଏଣୁତେଣୁରେ ପ୍ରଭାବିତ ହୋଇ ଆମ ମାନସିକତା କୁ ବିପନ୍ନ କରିଥାନ୍ତି ।ଜଣେ ଲୋକକୁ ଆମେ ବିପଦପୂର୍ଣ୍ଣ ଭାବିନେଲେ ଏହା କୌଣସି କାରଣରୁ ହେଉନା କାହିଁକି ଆମ ମନରେ ତାର ବହୁତ ଖରାପ ଅନୁଚ଼ିନ୍ତନ ଆସେ ।ସେ ଯେତେ ଭଲବୋଲି ଆମ ଦୃଷ୍ଟିକୋଣର ଯେ ପର୍ଯ୍ୟନ୍ତ ପରିବର୍ତ୍ତନ ନହୋଇଛି ଆମମାନଙ୍କର ମନରେ ସେହି ଖରାପ ହିଁ ବସା ବାନ୍ଧିଥାଏ । ଅର୍ଜୁନଙ୍କ ସମେତ ଅନେକ ଧନୁର୍ଦ୍ଧର ଦ୍ରୌପଦୀ ଙ୍କ ସ୍ୱୟମ୍ବର କୁ ଆସିଥିଲେ ,ସମସ୍ତେ ଘୁରୁଥିବା ଏକ ଚ଼କ୍ରର ମଧ୍ୟଭାଗରେ ଏକ ମାଛର ଆଖିକି ପାଣିରେ ତାର ପ୍ରତିଫଳନ ଲକ୍ଷକରି ତୀର ସନ୍ଧାନ କରିବାର ଆବଶ୍ୟକତା ଥିଲା ।କିନ୍ତୁ ଅର୍ଜୁନ ଏହାକୁ ବଡ ବାଜି ମନେକରି ତୀର ସନ୍ଧାନ କରିଥିଲେ ।ଯେଉଁଥିରେ ସେ ସଫଳତା ପାଇଥିଲେ ।ଏଠାରେ ଅର୍ଜୁନ ଜିତିବାର ଦୃଷ୍ଟିକୋଣରେ କାର୍ଯ୍ୟ କରିଥିଲେ ଓ ସଫଳତା ପାଇଁ ଲଢ଼ିଥିଲେ ।ସଫଳତାର ଦୃଷ୍ଟିକୋଣ ମଧ୍ୟ ସ୍ୱତନ୍ତ୍ର,ଏହା ଭାବନାରେ ସର୍ବଦା ସଫଳତା ପାଇଁ ପ୍ରେରିତ କରିଥାଏ ।ଦୃଷ୍ଟିକୋଣହିଁ ମଣିଷକୁ ସଫଳତା ଦେଇଥାଏ,ଜୀବନର ଭାବନା ଓ ଗତିଶୀଳତା ମଣିଷକୁ ସଫଳତା ଦେଇଥାଏ ।ଆକାଶର ଚ଼ନ୍ଦ୍ରକୁ ନେଇ ଜଣେକବି ଧରିତ୍ରୀରେ ଥିବା ଅନେକ ଫୁଲ ଓ ସୁନ୍ଦର ବସ୍ତୁର ପ୍ରେୟସୀ ବୋଲି ଭାବିଥାଏ ।ଜଣେ ବୈଜ୍ଞାନିକ ଚ଼ନ୍ଦ୍ର ପୃଷ୍ଠର ଗଠନକୁ ମନରେ ବିଚ଼ାରକୁ ନେଇଥାଏ ।ଜ୍ୟୋତିର୍ବିଜ୍ଞାନୀ ଚ଼ନ୍ଦ୍ରର ଅବସ୍ଥାନକୁ ନେଇ କେତେଗୁଡିଏ ପରିକଳ୍ପନା କରିଥାଆନ୍ତି ।ତେବେ ଏହାହିଁ ଦୃଷ୍ଟିକୋଣ ବୋଲି ବିଚ଼ାର କରାଯାଏ ।ମଣିଷର ଅଜବ ମନ ତାର ଭାବନାକୁ ନେଇ ଏହିପରି ଅନେକ ଚ଼ିନ୍ତନ କରିଥାଏ । ଦୃଷ୍ଟିକୋଣ ଉନ୍ନତ ରହିଲେ ଜୀବନର ଗତିପଥ ଶିଥିଳ ହୋଇପାରେ ତେବେ ଏଥିପାଇଁ ଆମର ଭାବନା ସର୍ବଦା ସକାରାତ୍ମକ କରିବା ଦରକାର ।ଚ଼ିନ୍ତନ ଯେମିତି କାର୍ଯ୍ୟପନ୍ଥା ମଧ୍ୟ ସେମିତି ଏକ ସଳଖ ଚ଼ଳନ ଦିଗରେ ଅନୁକ୍ରମିତ ।

*ଅରେଇ,ଯାଜପୁର*
*ମୋ:୯୬୫୮୬୧୪୭୨୮*




# ସହର ଉପକଣ୍ଠବାସୀଙ୍କୁ ମୌଳିକ ସୁବିଧା

ସହରାଞ୍ଚଳରେ ଲୋକଙ୍କୁ ଯେପରି ସମସ୍ତ ମୌଳିକ ସୁବିଧା ସୁଯୋଗ ମିଳୁଛି, ସହର ଉପକଣ୍ଠରେ ବସବାସ କରୁଥିବା ଲୋକଙ୍କୁ ବି ସେହିପରି ମୌଳିକ ସେବା ଓ ଗମନାଗମନ ସହ ଅନ୍ୟାନ୍ୟ ଭିତ୍ତିଭୂମି ସୁବିଧା ଯୋଗାଇ ଦିଆଯିବ। ଏଥିପାଇଁ ପାଞ୍ଚବର୍ଷିଆ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ନିକଟରେ ସରକାରୀ ଭାବେ ନିଷ୍ପତ୍ତି ନିଆଯାଇଛି। ଏହାପରେ ରାଜ୍ୟର ପ୍ରମୁଖ ସହରର ଉପକଣ୍ଠ ଅଞ୍ଚଳରେ ସୁଗମ ଯୋଗାଯୋଗ ଉପରେ ଗୁରୁତ୍ୱ ଆରୋପ କରି ମୁଖ୍ୟ ସଚିବ କହିଥିଲେ ଯେ ବଡ଼ ବଡ଼ ସହରଗୁଡ଼ିକରେ ବିଭିନ୍ନ ପ୍ରକାର ନିଯୁକ୍ତି ଓ ଜୀବିକା ସୁଯୋଗ ସୃଷ୍ଟି ହୋଇଥାଏ। ବିଭିନ୍ନ ଆର୍ଥିକ ବର୍ଗର ଲୋକମାନେ ଏହାର ସୁଯୋଗ ନେଇଥାଆନ୍ତି। ଯେଉଁମାନେ କି ମୁଖ୍ୟତଃ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବସବାସ କରିଥାନ୍ତି। ଏହାଛଡ଼ା ନିଜର ବୃତ୍ତି, ଶିକ୍ଷା, ଚିକିତ୍ସା, ଜମିଜମା ଖର୍ଦ୍ଦି ବିକ୍ରି, ନ୍ୟାୟାଳୟ କାର୍ଯ୍ୟ, ଉତ୍ପାଦ ଦ୍ରବ୍ୟ ବିକ୍ରିବଟା ଓ ବାଣିଜ୍ୟ ଆଦି କାର୍ଯ୍ୟ ପାଇଁ ଅନେକ ଦୈନିକ ସହରକୁ ଯିବା ଆସିବା କରିଥାନ୍ତି। ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଉତ୍ତମ ରାସ୍ତା ତିଆରି ହେଲେ ସହରକୁ ଯାତାୟାତ ସୁଗମ ହେବ। ଟ୍ରାଫିକ ଭିଡ଼ ଓ ଦୁର୍ଘଟଣା ଆଦି କମିବ। ତା'ଛଡ଼ା ସହର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଗୁଣାତ୍ମକ ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ ଓ ନାଗରିକ ସେବାକେନ୍ଦ୍ର ଆଦି ବିକଶିତ ହେଲେ ଲୋକମାନଙ୍କ ଜୀବନଧାରଣ ମାନର ଉନ୍ନତି ହେବ। ସହର ଉପରେ ମଧ୍ୟ ଆବାସିକ ଚାପ କମିବ। ତେଣୁ ବିଭିନ୍ନ ପ୍ରମୁଖ ସହରର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ରାସ୍ତା ପ୍ରଶସ୍ତିକରଣ ସହ ବିଭିନ୍ନ ମୌଳିକ ସେବାର ଉନ୍ନତି ପାଇଁ ଏକ ପାଞ୍ଚବର୍ଷିଆ କାର୍ଯ୍ୟ ଯୋଜନା ଚିଠା ପ୍ରସ୍ତୁତ କରିବାକୁ ମୁଖ୍ୟ ସଚିବ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ଏବଂ ଜଳସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ସହର ଉପକଣ୍ଠବାସୀଙ୍କ ସାମଗ୍ରୀକ ସୁବିଧା ସୁଯୋଗ ଓ ଦ୍ୱୈତନଗରୀ କଟକ-ଭୁବନେଶ୍ୱରର ଉନ୍ନତିକଳ୍ପେ ସରକାର ଅନେକ ଯୋଜନା ହାତକୁ ନେଉଥିଲେ ବି ତାହା ବାଟବଣା ବା ବାଟମାରଣା ବି ହେଉଛି। ଭାତହାଣ୍ଡିରୁ ଗୋଟିଏ ପରି ଜାଗା ମିଶନ କଥା ଦେଖନ୍ତୁ। ଗରିବ ଭୂମିହୀନ ଲୋକ ଓ ବସ୍ତିବାସିନ୍ଦା ତଥା ଅସହାୟମାନଙ୍କୁ ଥଇଥାନ ପାଇଁ ସରକାରୀ ଜମିରେ ଜାଗା ମିଶନର ପ୍ରକଳ୍ପ କରାଯାଇଛି; କିନ୍ତୁ ବଡ଼ ଦୁର୍ଭାଗ୍ୟର ବିଷୟ ନିକଟରେ ଜାତୀୟ ମାନବିକ ଅଧିକାର ଆୟୋଗ ଓ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ନିକଟରେ ଉପସ୍ଥାପିତ ହୋଇଥିବା ଅଭିଯୋଗ ଅନୁଯାୟୀ କଟକ ଆଠଗଡ଼ ତହସିଲ ଅନ୍ତର୍ଗତ ଧବଳେଶ୍ୱରଗଡ଼ାରେ ସରକାରୀ ଜମିକୁ ବର୍ଷ ବର୍ଷ ଧରି କିଛି ସ୍ଥାନୀୟ ଜମି ମାଫିଆ ଶାଗ ମାଛ ଦରରେ ବିକ୍ରି କରିଦେଉଛନ୍ତି। ରାତାରାତି ସେଠି ନୂଆ ନୂଆ ଘର ଗଢ଼ି ଉଠୁଛି। ଦୁର୍ଭାଗ୍ୟର ବିଷୟ ସ୍ଥାନୀୟ ମ୍ୟୁନିସିପାଲଟି ଏ ସବୁ ଜାଣି ମଧ୍ୟ ସେମାନଙ୍କୁ ରାସ୍ତା, ପାନୀୟ ଜଳ, ବିଜୁଳି, ଅଙ୍ଗନବାଡ଼ି କେନ୍ଦ୍ର ଓ ବିଦ୍ୟାଳୟ ଆଦି ଖୋଲୁଛନ୍ତି। ସେଠାରେ ଅସାମାଜିକମାନେ କେବଳ ଜାଗା ବିକ୍ରି କରୁନାହାଁନ୍ତି ଏକ ଗୋଷ୍ଠୀ ତିଆରି କରି ସ୍ଥାନୀୟ ପ୍ରଶାସନ, ଥାନା ଓ ନେତାମାନଙ୍କୁ କରାୟତ୍ତ କରି ବାହାର ଅପରାଧୀମାନଙ୍କୁ କିଛି ଅର୍ଥ ବିନିମୟରେ ନିରାପଦ ରହଣିର ସୁଯୋଗ ସୃଷ୍ଟି କରୁଛନ୍ତି। ଯାହାର ପରିଣତି ସ୍ୱରୂପ ପାର୍ଶ୍ୱବର୍ତ୍ତୀ ଇଲାକାରେ ଦିନକୁ ଦିନ ଆଇନଶୃଙ୍ଖଳା ପରିସ୍ଥିତି ଜଟିଳ ହେଉଛି। ସିବିଆଇ ପାଖରେ ଉପସ୍ଥାପିତ ହୋଇଥିବା ଅଭିଯୋଗ ମୁତାବକ ସ୍ଥାନୀୟ ରାଜନେତା, ପ୍ରଶାସନ ଓ ତହସିଲର ଝିଅ ଜ୍ୱାଇଁ ଭାବେ ପରିଚିତ ନୟନା ନାୟକ, ମମତା ନାୟକ, ଚଞ୍ଚଳା ବାରିକ, ରଞ୍ଜୁ ନାୟକ, ବାସନ୍ତୀ ନାୟକ, ଧୁସା ନାୟକ, ବାପି ନାୟକ, କାଝି ନାୟକ, ଧନେଶ୍ୱର ମହାନ୍ତି, ମଳୟ ଭଦ୍ର, ଅରକ୍ଷିତ ମଲ୍ଲିକ ପ୍ରମୁଖ ଏହି ଜମି ମାଫିଆ। ଶାଗମାଛ ଦରରେ ସେମାନେ ଦିନ ଦିପ୍ରହରରେ ପ୍ରଶାସନ ଆଖିରେ କଣ୍ଟା ଗେଞ୍ଜି ବର୍ଷ ବର୍ଷ ଧରି ଜମି ବିକ୍ରି କରୁଛନ୍ତି। ସରକାର କିନ୍ତୁ ଏ ଦିଗକୁ ଗୁରୁତର ସହ ନେବା ପାଇଁ ଅନୁସନ୍ଧାନ ଆରମ୍ଭ କରିଛନ୍ତି ବୋଲି ନିକଟରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି।

ଆସନ୍ତୁ ସହର ଉପକଣ୍ଠବାସୀଙ୍କ ସୁବିଧା ସୁଯୋଗ ଆଲୋଚନାର ଶେଷବିନ୍ଦୁରେ ପହଞ୍ଚିବା। ସହରକୁ ବିଭିନ୍ନ ଦିଗକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକୁ ଚିହ୍ନଟ କରି ସେସବୁର ତାଲିକା ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଚିହ୍ନିତ ରାସ୍ତାଗୁଡ଼ିକ ମଧ୍ୟରେ ଆନ୍ତଃ ସଂଯୋଗୀକରଣ ମାଧ୍ୟମରେ ଏକ ରୋଡ୍ ନେଟୱାର୍କ ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏକ ମାସ ମଧ୍ୟରେ ଏହି କାର୍ଯ୍ୟ ଯୋଜନା ତିଆରି କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେହିପରି ପାନୀୟ ଜଳ ଓ ନର୍ଦ୍ଦମା ପାଇପ, ବିଭିନ୍ନପ୍ରକାର କେବୁଲ ଆଦି ନିମନ୍ତେ ସହର ମଧ୍ୟସ୍ଥ ରାସ୍ତାକୁ କାଟିବା, ପ୍ରଶସ୍ତିକରଣ ନିମନ୍ତେ ଚିହ୍ନିତ ରାସ୍ତା ଓ ଛକସ୍ଥାନଗୁଡ଼ିକରୁ ବିଦ୍ୟୁତ ଓ ଟେଲିଫୋନ ଆଦି ଖୁଣ୍ଟ ସ୍ଥାନାନ୍ତର କରିବା ନେଇ ବୈଠକରେ ସବିଶେଷ ଆଲୋଚନା ହୋଇଛି। ଏ କ୍ଷେତ୍ରରେ ରହିଥିବା ସମସ୍ୟାର ତୁରନ୍ତ ସମାଧାନ ପନ୍ଥା ନିର୍ଦ୍ଧାରଣ କରାଯାଇଛି। ଏହାସହ ସହରରେ ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ପ୍ରଶସ୍ତିକରଣ ନିମନ୍ତେ କ୍ଷେତ୍ରସ୍ତରୀୟ ସମସ୍ୟାର ସମାଧାନ ପନ୍ଥା ବାହାର କରାଯାଇଛି। ସରକାର କେବଳ ସସହର ଉପକଣ୍ଠବାସୀ ନୁହଁନ୍ତି ଗରିବ ଭୂମିହୀନମାନଙ୍କ ପାଇଁ ଯେଉଁ ଯୋଜନା କରୁଛନ୍ତି ତାହା ଫଳବତୀ ହେଉ, ସରକାରୀ ଜମିକୁ ଜବରଦଖଲ କରୁଥିବା ଲୋକମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ଯାହାଦ୍ୱାରା ସରକାରଙ୍କ ପ୍ରଶଂସନୀୟ ଉଦ୍ୟମର ସୁଫଳ ସମସ୍ତଙ୍କୁ ମିଳିବ।

## ସିଲିଂ ପ୍ଲାଷ୍ଟର ଖସିବା ପରେ ମରାମତି କରାଗଲା



କେନ୍ଦୁଝର (ପିଏନ୍): ଘଟଗାଁ ବ୍ଲକ ଢେଙ୍କିକୋଟ ସତ୍ୟନାରାୟଣ ବିଦ୍ୟାପୀଠ ଉଚ୍ଚ ବିଦ୍ୟାଳୟର କମନ ରୁମରେ ସିଲିଂ ପ୍ଲାଷ୍ଟର ଖସିବା ପରେ ଏହାକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯାଇଛି। ନିରାପଦ ଭାବେ ଶିକ୍ଷକ/ଶିକ୍ଷୟିତ୍ରୀମାନେ ଉକ୍ତ ରୁମରେ ବସିପାରିବେ। ୫-ଟି ଅନ୍ତର୍ଗତ ଏହି ବିଦ୍ୟାଳୟର ଉନ୍ନତିକରଣ ଗତ ୪ ମାସ ତଳେ କରାଯାଇଥିଲା। ୫୧ ବର୍ଷ ପୁରାତନ ଏହି ଉଚ୍ଚ ବିଦ୍ୟାଳୟର ବହୁ ପୁରୁଣା ଶ୍ରେଣୀଗୃହ ଏବଂ ବୈଠକ କକ୍ଷ ମରାମତି କରାଯାଇ ରଙ୍ଗ ଦିଆଯାଇଥିଲା। ତେବେ ମରାମତି ପରେ ଶିକ୍ଷକ/ଶିକ୍ଷୟିତ୍ରୀ ବସିବା ପାଇଁ ଉଦ୍ଦିଷ୍ଟ କମନ ରୁମର ସିଲିଂ ପ୍ଲାଷ୍ଟର ଖସିପଡିବା ପରେ ଶିକ୍ଷକମାନେ ଭୟଭୀତ ହୋଇପଡିଥିଲେ। ଘଟଣା ପରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ତୁରନ୍ତ ମରାମତି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ପରିଷଦ ଦାୟିତ୍ୱରେ ଥିବା ନିର୍ବାହୀ ଯନ୍ତ୍ରୀ ଇଂ ସୁଧାଂଶୁଶେଖର ସାହୁ, ଘଟଗାଁ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଦିପାଶ୍ରୀ ସିଂ, କନିଷ୍ଠ ଯନ୍ତ୍ରୀ ଇଂ ଭୋଳାନାଥ ମହାନ୍ତିଙ୍କ ପ୍ରତ୍ୟକ୍ଷ ତଦାରଖରେ କମନ ରୁମର ମରାମତି କାମ କରାଯାଇ ବ୍ୟବହାର ଉପଯୋଗୀ କରାଯାଇଥିଲା। କମନ ରୁମର ପୁରୁଣା ସିଲିଂ ପ୍ଲାଷ୍ଟର ଛଡାଯାଇ ଉକ୍ତ ସ୍ଥାନରେ ପୁଟି ମରାଯାଇ ରଙ୍ଗ ଦିଆଯାଇଛି। ବାରମ୍ବାର ଛାତ ସିଲିଂ ପ୍ଲାଷ୍ଟର ବିଭିନ୍ନ ବିଦ୍ୟାଳୟରେ ଖସୁଥିବାରୁ ଛାତ୍ରଛାତ୍ରୀ ଏବଂ ଶିକ୍ଷକ/ଶିକ୍ଷୟିତ୍ରୀ ଭୟଭୀତ ହୋଇପଡିଛନ୍ତି। ୫-ଟି ଯୋଜନାରେ ଉଚ୍ଚ ବିଦ୍ୟାଳୟର ଉନ୍ନତିକରଣ ପାଇଁ ଏଣିକି ସ୍ୱତନ୍ତ୍ର ଗାଇଡ ଲାଇନ ପ୍ରସ୍ତୁତ କରାଯାଇ କାମ କରାଯିବ ବୋଲି ନିର୍ବାହୀ ଯନ୍ତ୍ରୀ ଇଂ ସୁଧାଂଶୁଶେଖର ସାହୁ କହିଛନ୍ତି। ଯେଉଁସବୁ ବିଦ୍ୟାଳୟରେ କାମ ସରିଛି ତାହାର ମଧ୍ୟ ତଦାରଖ ପାଇଁ କୁହାଯାଇଛି।

# ହାସ୍ୟ-ବ୍ୟଙ୍ଗ ସାହିତ୍ୟର ମହାନ୍ ସାଧକ

ଓଡ଼ିଆ ହାସ୍ୟ-ବ୍ୟଙ୍ଗ ସାହିତ୍ୟ ଆକାଶର ଚନ୍ଦ୍ରମା ମାଧବ ଚନ୍ଦ୍ର ଶତପଥୀଙ୍କର ୨୦୧୭ ମସିହା ଫେବୃଆରୀ ୨୫ ତାରିଖରେ ବିୟୋଗ ହୋଇଯାଇଛି। ସୂର୍ଯ୍ୟପରି ସେ ପ୍ରଚଣ୍ଡ ନଥିଲେ, ସେ ଚନ୍ଦ୍ରପରି ଥିଲେ ଶାନ୍ତ ସ୍ନିଗ୍ଧ କୋମଳ। ତାଙ୍କର ବ୍ୟଙ୍ଗ କାହାକୁ ଆଘାତ ଦେଉ ନଥିଲା ଶୀତଳ ଜ୍ୟୋତ୍ସ୍ନା ପରି ଦେହ ମନକୁ ଛୁଇଁ ଯାଉଥିଲା। ପଢ଼ିଲା ମାତ୍ରେ ଓଠରେ ହସ ଫୁଟି ଉଠୁଥିଲା। ସାମ୍ପ୍ରତିକ ରାଜନୀତି, ରାଜନୈତିକ ନେତା, ରାଜନୈତିକ ଦଳ ପ୍ରତି ତାଙ୍କର ବ୍ୟଙ୍ଗ ବେଶ୍ ହୃଦୟଗ୍ରାହୀ। ବିଦ୍ୟୁତ୍ ଆଘାତ ପରି ତାହା ସମସ୍ତଙ୍କ ମର୍ମସ୍ଥଳକୁ ଭେଦିଯାଏ। କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପରେ ଫତୁରାନନ୍ଦ, ମାଧବଚନ୍ଦ୍ର ଶତପଥୀ, କୁଳମଣି ମହାପାତ୍ର ପ୍ରମୁଖ ବ୍ୟଙ୍ଗକାରମାନେ ଓଡ଼ିଆ ସାହିତ୍ୟକୁ ବହୁ ଭାବରେ ବର୍ଣ୍ଣାଢ଼୍ୟ କରିଛନ୍ତି। ସ୍ରଷ୍ଟାଙ୍କର ନିୟମ ବଡ଼ ବିଚିତ୍ର ଫତୁରାନନ୍ଦ ଥିଲେ ଜଣେ ଏଲ୍.ଏମ୍.ପି ଡାକ୍ତର, ମାଧବ ଚନ୍ଦ୍ର ଶତପଥୀ ଥିଲେ ଗଣିତ ବିଭାଗର ଅଧ୍ୟାପକ। ଗଣିତର ଜଟିଳ ଧାରା ଭିତରୁ ବାହାରି ଆସି ସେ ସୃଷ୍ଟି କରୁଥିଲେ ହାସ୍ୟବ୍ୟଙ୍ଗ। ତାଙ୍କର ପରୀକ୍ଷା ନିରୀକ୍ଷା ସମାଜର ସବୁ କ୍ଷେତ୍ରରେ ଥିଲା। ୧୯୬୪ ମସିହାରେ ତାଙ୍କର ପ୍ରଥମ ପୁସ୍ତକ 'ନିଶ ଓ ପରିବାର ନିୟନ୍ତ୍ରଣ' ପ୍ରକାଶ ପାଇଥିଲା। ତାହା ପାଠକମାନଙ୍କ ପାଖରେ ଏତେ ଜନପ୍ରିୟ ହେଲା ଯେ ତା'ପରଠାରୁ ତାଙ୍କର ଲେଖନୀ ଆଉ ବନ୍ଦ ହୋଇନାହିଁ। ୧୯୭୯ ମସିହାରୁ ୨୦୧୬ ପର୍ଯ୍ୟନ୍ତ ତାଙ୍କର ପୁସ୍ତକ ପ୍ରକାଶନ ଅବ୍ୟାହତ ରହିଥିଲା। ହାସ୍ୟବ୍ୟଙ୍ଗ-ଗଳ୍ପ ପୁସ୍ତକ ଗୁଡ଼ିକ ହେଲା ନାମରୁ ରାଶି ନକ୍ଷତ୍ର, ପ୍ରହାରେଣ ଧନଞ୍ଜୟ, କଂକୀଡୋଲୀ ଉପାଖ୍ୟାନ, ପିତୃପରାମର୍ଶ କେନ୍ଦ୍ର, ବେସରକାରୀ ମରଣ, ପାପୀ ଚିହ୍ନଟ, ଚତୁର୍ନୟନ ବାବା, ମର୍ତ୍ତ୍ୟ ବେତାଳ ପଞ୍ଚ ବିଂଶତି, ମାଧବ ଶତପଥୀଙ୍କ ଶ୍ରେଷ୍ଠ ଗଳ୍ପ, ଦୁଷ୍ପ୍ରାପ୍ୟ ହୃଦୟ, ଛାଡ଼ପତ୍ରରୁ ପତ୍ରଛାଡ଼, କପି ତୁ କାହୁଁ ଅଇଲୁ, ତୈଳ ମର୍ଦ୍ଦନ, ଅର୍ବାଚୀନ ଇସ୍ତାହାର, ଚେଙ୍ଗିଜ୍ ଖାଁ ଠାରୁ ଚିଙ୍ଗୁଡ଼ି ପର୍ଯ୍ୟନ୍ତ। ଚାପ ଚରିତ, ସୁନ୍ଦରୀ ହେବାର ନିଶା, ତୋ ଜୀବନ ପଛେ ନର୍କେ ପଡ଼ିଥାଉ, ପ୍ରଭୁ ମୋ ବିବେକ ନେଇଯାଅ, କହିବାକୁ ଲାଜ, ଜରା ଯାତନା ପ୍ରଭୃତି ୨୫ ଖଣ୍ଡ ଗଳ୍ପ ପୁସ୍ତକ, ତିନୋଟି କବିତା ପୁସ୍ତକ। ପ୍ରତ୍ୟେକଟି ଗଳ୍ପ ଓ କବିତା ହାସ୍ୟବ୍ୟଙ୍ଗରେ ପରିପୂର୍ଣ୍ଣ। ତାଙ୍କ ଗଳ୍ପ ଯିଏ ଥରେ ପଢ଼ିଛି ସିଏ ନିଶ୍ଚୟ ଖୋଜି ଖୋଜି ତାଙ୍କ ଲେଖା ପଢ଼ିବ। ବ୍ୟଙ୍ଗ ସାହିତ୍ୟ ଛଡ଼ା, ଅନେକଗୁଡ଼ିଏ ଉପାଦେୟ ପାଠ୍ୟପୁସ୍ତକ ରଚନା କରି ସମସ୍ତଙ୍କର ଶ୍ରଦ୍ଧା ଭାଜନ ହୋଇଥିଲେ। ବର୍ତ୍ତମାନ ସୁଦ୍ଧା ତାଙ୍କ ରଚିତ ପୁସ୍ତକ-ପିଲାଙ୍କୁ ଗଢ଼ିବେ କିପରି ? ନିଜ ପିଲାର ମୂଳଦୁଆ ନିଜେ ଗଢ଼ନ୍ତୁ, ଛୋଟ ପିଲାଙ୍କୁ ପଢ଼ାଇବେ କିପରି, ଜନସଂଖ୍ୟା ଓ ବିକାଶ ଶିକ୍ଷା, ପ୍ରତ୍ୟେକ ଛାତ୍ରଛାତ୍ରୀ ଅଭିଭାବକଙ୍କ ଗାଇଡ଼ ଲାଇନ ହୋଇଛି।

ମାଧବ ଚନ୍ଦ୍ର ଶତପଥୀ ୧୯୨୮ ମସିହା ମାର୍ଚ୍ଚ ୨୧ ତାରିଖରେ ଅବିଭକ୍ତ କଟକ ଜିଲ୍ଲାର ବଡ଼ଚଣା ଥାନା ଅନ୍ତର୍ଗତ କାଦୁଅ ମାଗୁରା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ସ୍ୱର୍ଗତଃ ଦୀନବନ୍ଧୁ ଶତପଥୀ, ମାତା ସ୍ୱର୍ଗତା ସାରମଣି ଦେବୀ। ଗାଁ ସ୍କୁଲରୁ ପ୍ରାଇମେରୀ ଶିକ୍ଷା ଓ ମାଧ୍ୟମିକ ଶିକ୍ଷା ସମାପ୍ତ କରି ରେଭେନ୍‌ସା କଲେଜରୁ ସ୍ନାତକ ଓ ସ୍ନାତକୋତ୍ତର ଉପାଧି ଲାଭ କରିଥିଲେ। ପ୍ରଥମେ ସେ ସମ୍ବଲପୁର ସରକାରୀ ଟ୍ରେନିଂ କଲେଜର ଅଧ୍ୟାପକ ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ। ଗଙ୍ଗାଧର ମେହେର କଲେଜ, ରାଧାନାଥ ଟ୍ରେନିଂ କଲେଜ, କଟକ, ସରକାରୀ ଟ୍ରେନିଂ କଲେଜ ଅନୁଗୁଳ, ରେଭେନ୍‌ସା କଲେଜରେ ପ୍ରାଧ୍ୟାପକ ଭାବେ କାର୍ଯ୍ୟକରି ବଲାଙ୍ଗୀରଠାରେ ଥିବା ସରକାରୀ ଟ୍ରେନିଂ କଲେଜର ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଥିଲେ। ତା'ପରେ ଅନ୍ୟାନ୍ୟ ଦୁଇଟି କଲେଜର ଅଧ୍ୟକ୍ଷ ଦାୟିତ୍ୱ ସୁଚାରୁ ରୂପେ ପରିଚାଳନା କରି ଶିକ୍ଷା ବିଭାଗରୁ ଅବସର ଗ୍ରହଣ କରିଥିଲେ। କଲେଜରେ ଅଧ୍ୟାପନା କରିବା ସମୟରେ ଯେପରି ଲେଖୁଥିଲେ ଅବସର ପରେ ମଧ୍ୟ ସେହିପରି ଲେଖିଚାଲିଲେ। ତାଙ୍କର ସାହିତ୍ୟକୃତି ପାଇଁ ଓଡ଼ିଶାର ବିଭିନ୍ନ ଅନୁଷ୍ଠାନ ତାଙ୍କୁ ପୁରସ୍କୃତ କରିଛନ୍ତି। ସରସ ସାହିତ୍ୟ ସମିତି ପକ୍ଷରୁ ତାଙ୍କୁ 'ରସରାଜ' ଉପାଧିରେ ଭୂଷିତ କରାଯାଇଥିଲା। ହାସ୍ୟବ୍ୟଙ୍ଗର ସର୍ବୋଚ୍ଚ ପୁରସ୍କାର 'କାନ୍ତକବି ପୁରସ୍କାର' ହାସ୍ୟ ବିକାଶ କେନ୍ଦ୍ର ପକ୍ଷରୁ ୧୯୯୭ ମସିହାରେ ପ୍ରଦାନ କରାଯାଇଥିଲା। ଫତୁରାନନ୍ଦ ଫାଉଣ୍ଡେସନ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ପ୍ରଜାତନ୍ତ୍ର ବିଷୁବ ସମ୍ମିଳନୀ, ଉତ୍କଳ ସାହିତ୍ୟ ସମାଜ, କଟକ ଲେଖକ ସହଯୋଗ ସମିତି, ପୁନର୍ନବା ସାହିତ୍ୟ ସଂସଦ ପକ୍ଷରୁ ତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ୨୦୧୭ ମସିହା ଜାନୁଆରୀ ମାସ ୨୨ ତାରିଖରେ ରେଭେନ୍‌ସା କଲେଜର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଶ୍ରେଷ୍ଠ ପ୍ରଫେସର ଭାବେ ତାଙ୍କୁ ସମ୍ମାନିତ କରାଯାଇଛି। ଏହା ହେଉଛି ତାଙ୍କ ଜୀବନର ଶେଷ ସମ୍ମାନ। ଏହାଛଡ଼ା ତାଙ୍କୁ ସମ୍ବର୍ଦ୍ଧିତ କରିଥିବା ଅନୁଷ୍ଠାନ ଗୁଡ଼ିକର ତାଲିକା ବହୁତ ଲମ୍ବା ହେବ, ତାହା ମୁଁ ଏଠାରେ ଉଲ୍ଲେଖ କରୁନାହିଁ। ଏହି ମହାନ ସାହିତ୍ୟ ସାଧକ ବ୍ୟକ୍ତି ହିସାବରେ ଥିଲେ ଅତ୍ୟନ୍ତ ସରଳ ଓ ବାସ୍ତବବାଦୀ, ଆଚରଣ ଆଉ ଉଚ୍ଚାରଣରେ କୌଣସି ପାର୍ଥକ୍ୟ ନଥିଲା। ଅନ୍ୟକୁ ଆନନ୍ଦ ଦେବାରେ ସଦାସର୍ବଦା ମୁଖର ଥିଲେ। ସାହିତ୍ୟ ରଚନା ଛଡ଼ା ସଂଗୀତ ପ୍ରତି ମଧ୍ୟ ତାଙ୍କର ରୁଚି ରହିଥିଲା। କଳାବିକାଶ କେନ୍ଦ୍ରରୁ ସେ ତବଲା ବାଦକ ଭାବେ ବିଶାରଦ ଉପାଧି ଲାଭ କରିଥିଲେ। ରାଷ୍ଟ୍ରଭାଷା ପ୍ରଚାର ସମିତି ୱାର୍ଦ୍ଧାରୁ ସେ ହିନ୍ଦୀ ବିଶାରଦ ଉପାଧି ଲାଭ କରିଥିଲେ। ସାହିତ୍ୟ, କଳା, ସଂସ୍କୃତି ସବୁ କ୍ଷେତ୍ରରେ ଜଣେ ପରିପୂର୍ଣ୍ଣ ମଣିଷ। ତାଙ୍କୁ ହରାଇ ଉତ୍କଳ ଭାରତୀ ମ୍ରିୟମାଣ, କାରଣ ତାଙ୍କ ସମକକ୍ଷ ସାହିତ୍ୟିକ ସୃଷ୍ଟି ହେବାପାଇଁ କେତେ କାଳ ଲାଗିବ, ସେକଥାର କିଏ ଉତ୍ତର ଦେଇପାରିବ ?

## ଅଲ୍ ଇଣ୍ଡିଆ ଡିଏସ୍‌ଓ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ



ଯାଜପୁର (ପିଏନ୍)-ଅଲ୍ ଇଣ୍ଡିଆ ଡିଏସ୍‌ଓ ଯାଜପୁର ଜିଲ୍ଲା କମିଟି ପକ୍ଷରୁ ରାଜ୍ୟର ବି.ଏଡ୍ କଲେଜଗୁଡ଼ିକରେ ଯୁଦ୍ଧକାଳୀନ ଭିତ୍ତିରେ ନାମଲେଖା ଆରମ୍ଭ କରାଯାଉ ଏବଂ ସେଲ୍ଫ ଫାଇନାନ୍ସ ଭିତ୍ତିରେ ନାମଲେଖା ବ୍ୟବସ୍ଥା ସମ୍ପୂର୍ଣ୍ଣ ଉଚ୍ଛେଦ କରିବା ସହ ବି.ଏଡ୍, ସିଟ୍ ସଂଖ୍ୟା ବୃଦ୍ଧି କରିବା ଦାବୀରେ ଜିଲ୍ଲାପାଳଙ୍କ ଜରିଆରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ପ୍ରଦାନ କରାଯାଇଥିଲା। ଆପଣ ଅବଗତ ଯେ ଚଳିତ ଶିକ୍ଷା ବର୍ଷରେ ରାଜ୍ୟର ବିଭିନ୍ନ କଲେଜମାନଙ୍କରେ ବି.ଏଡ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ସେପ୍ଟେମ୍ବର ୨୨ ଓ ୨୩ ତାରିଖକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଧାର୍ଯ୍ୟ କରାଯାଇଥିଲା। ମାତ୍ର ଧାର୍ଯ୍ୟ ତାରିଖ ଠିକ୍ ପୂର୍ବଦିନ ଅର୍ଥାତ୍ ସେପ୍ଟେମ୍ବର ୨୧ ତାରିଖ ଦିନ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏହି ନାମଲେଖାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥଗିତ କରାଯାଇଛି। ଫଳରେ ର୍ୟାଙ୍କ୍ କାର୍ଡ଼ ଧରି ଆଶାୟୀ ଛାତ୍ରଛାତ୍ରୀମାନେ ହତାଶ ହୋଇ ବସିରହିଥିବାବେଳେ ସେମାନଙ୍କର ଗୋଟିଏ ଶିକ୍ଷାବର୍ଷ ନଷ୍ଟ ହେବାକୁ ଯାଉଛି। ଯଦ୍ଦ୍ୱାରାକି ସେମାନଙ୍କ ମାନସିକ ଭାରସାମ୍ୟ ଅତ୍ୟନ୍ତ ଜଟିଳ ପରିସ୍ଥିତି ଦେଇ ଗତି କରୁଛି। ଏପରି ବାହାର କରିଥିବା ର୍ୟାଙ୍କକୁ ମଧ୍ୟ ବାରମ୍ବାର ପରିବର୍ତ୍ତନ କରାଯାଉଛି। ଅନ୍ୟପଟେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସେଲ୍ଫ ଫାଇନାନ୍ସ ଭିତ୍ତିରେ ବି.ଏଡ୍ ପାଠକ୍ରମରେ ନାମଲେଖା ହୋଇଛି। ଅର୍ଥାତ୍ ପ୍ରକାରାନ୍ତରେ ସେଲ୍ଫ ଫାଇନାନ୍ସ ଭିତ୍ତିରେ ବି.ଏଡ୍ ପାଠ୍ୟକ୍ରମରେ ନାମ ଲେଖାଇବାକୁ ସରକାର ଛାତ୍ରଛାତ୍ରୀ ମାନଙ୍କୁ ବାଧ୍ୟ କରୁଛନ୍ତି। ଫଳରେ ଛାତ୍ରଛାତ୍ରୀମାନେ ଆର୍ଥିକ ଶୋଷଣର ଶିକାର ହେଉଛନ୍ତି। ତେଣୁ ବି.ଏଡ୍ ସିଟ୍ ସଂଖ୍ୟା ବୃଦ୍ଧି କରାଯାଇ ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ବିଏଡ୍ କଲେଜ ଗୁଡ଼ିକରେ ନାମଲେଖା ଆରମ୍ଭ କରାଯାଉ ଏବଂ ସେଲଫ ଫାଇନାନ୍ସ ଭିତରେ ନାମଲେଖା ବ୍ୟବସ୍ଥା ସଂପୂର୍ଣ୍ଣ ଉଚ୍ଛେଦ କରିବାପାଇଁ ଦାବୀ ଜଣାଇଛନ୍ତି। ଉକ୍ତ ଦାବୀପତ୍ର ପ୍ରଦାନ କରିଛନ୍ତି ଅଲ ଇଣ୍ଡିଆ ଡି.ଏସ୍.ଓ ଜିଲ୍ଲା ସମ୍ପାଦିକା ସସ୍ମିତା ଯେନା, ସମ୍ପାଦକ ମଣ୍ଡଳୀର ସଦସ୍ୟ ପଲ୍ଲୀ ମଲିକ, ଜିତେନ୍ଦ୍ର ମାଝୀ, ସସ୍ମିତା ମଲ୍ଲିକ, ମୁଧୁସ୍ମିତା ସିଂ।

## ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟ ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଖୋର୍ଦ୍ଧା (ପିଏନ୍)-ମୁକୁନ୍ଦପ୍ରସାଦସ୍ଥିତ ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟରେ ନାମ ଲେଖାଇଥିବା ତିନିବର୍ଷିଆ ଡ଼ିଗ୍ରୀ କୋର୍ସ ଓ ପାଂଚବର୍ଷିଆ ଇଂଟିଗ୍ରେଟେଡ଼୍ ଲ କୋର୍ସର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ପାଇଁ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସଭାପତି ପ୍ରତାପ ଚନ୍ଦ୍ର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ରୂପେ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଯୋଗଦେଇ କଲେଜ ସଂଲଗ୍ନ ଅନ୍ୟ ଏକ ନୂତନ କୋଠାରେ ବିନୋଦ ବିହାରୀ ପାଠାଗାର ଉଦ୍‌ଘାଟନ କରିଥିଲେ। କଲେଜ ପାଇଁ ସରକାରୀ ଯୋଜନା ଅନୁଯାୟୀ ନୂତନ ଜାଗା ମିଳିବ ବୋଲି ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଡ. ନାରାୟଣ ରାଓ, ଖ୍ୟାତନାମା ବ୍ୟଙ୍ଗକବି ଜ୍ଞାନ ହୋତା, ଦୂରଦର୍ଶୀର ସମ୍ପାଦକ ଦୁର୍ଗାପ୍ରସାଦ ସାମନ୍ତରାୟ, ଐତିହାସିକ ସତ୍ୟବାଦୀ ବଳିଆରସିଂ, ଡ. ବିଷ୍ଣୁ ଚରଣ ସାହୁ, ବ୍ରିଗେଡ଼ିୟର ଅଭିମନ୍ୟୁ ରାଉତ, ଡ. ଦିଲ୍ଲୀପ କୁମାର ପତି, ସମାଜସେବୀ ଇତିଶ୍ରୀ ସାହୁ ପ୍ରମୁଖ ଯୋଗଦେଇ ନୂତନ ଛାତ୍ରଛାତ୍ରୀମାନେ ନିଷ୍ଠାପର ଭାବେ ଅଧ୍ୟୟନଶୀଳ ହେବାସହ ସମାଜ ଗଠନରେ ନୀତି ନିପୁଣ ହେବାପାଇଁ ଆହ୍ୱାନ ଦେଇଥିଲେ। ଭାରପ୍ରାପ୍ତ ଅଧ୍ୟକ୍ଷ ଡ଼. ଗିରିଶ ରଂଜନ ସାହୁ ଅତିଥି ପରିଚୟ ଦେବାସହ ୩ ବର୍ଷିଆ ପାଠ୍ୟକ୍ରମରେ ସିଟ ସଂଖ୍ୟା ୬୦ରୁ ୧୮୦କୁ ବୃଦ୍ଧିପାଇଥିବା ଏବଂ ଗତ ୫ ବର୍ଷିଆ ଇଂଟିଗ୍ରେଟଡ଼୍ କୋର୍ସ ପରୀକ୍ଷାରେ ଛାତ୍ରଛାତ୍ରୀମାନେ ସଫଳତା ହାରରେ ଆଇନ ବିଶ୍ୱବିଦ୍ୟାଳୟ ମଧ୍ୟରେ ୨ୟ ସ୍ଥାନ ପାଇଥିବା ସୂଚନା ଦେଇଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ମୁସକିମ୍ କଉର, ସ୍ୱସ୍ତିକ କୁମାର ହୋତା, ଅଜିତ୍ ନାଏକ, ସୌମ୍ୟ ସାହୁ, ଅଂଶୁମାନ ବାରିକ ସୌମ୍ୟା ଚୌଧୁରୀଙ୍କୁ ପୁରସ୍କୃତ କରାଯାଇଥିଲା। ନଳିନୀ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ସହିତ ଅଭିଭାବକମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ମହାବିଦ୍ୟାଳୟ ସମ୍ପାଦକ ସୁଧୀର କୁମାର ମାନସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଧର୍ମଶାଳାରେ ବ୍ଲକସ୍ତରୀୟ ଏନ୍‌ଆର୍‌ଇଜିଏସ୍ ଜନଶୁଣାଣି ଶିବିର



ଧର୍ମଶାଳା (ପିଏନ୍): ଧର୍ମଶାଳା ପଂଚାୟତ ସମିତି ସଭାଗୃହରେ ବ୍ଲକ ସ୍ତରୀୟ ମହାତ୍ମାଗାନ୍ଧି ନିଶ୍ଚିତ କର୍ମନିଯୁକ୍ତି ଯୋଜନା ସମ୍ପର୍କିତ ଏକ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ କୁମାର ମଲିକ ଯୋଗଦେଇ ଯୋଜନାର କାର୍ଯ୍ୟକାରିତା ଉପରେ ସମୀକ୍ଷା କରିବା ସହ ଜନପ୍ରତିନିଧିମାନଙ୍କୁ ଏହାର ରୂପାୟନ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷା ବିଜୟିନୀ ମିଶ୍ର, ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ଏବିଡିଓ ଅସିତ ପାତ୍ର ଯୋଗଦେଇଥିଲେ। ଏହି ଶିବିରରେ ମନରେଗା ଯୋଜନା ସହ ଜାତୀୟ ସାମାଜିକ ସହାୟତା ଓ ପଂଚଦଶ ଅର୍ଥ କମିସନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ବ୍ଲକର ସମସ୍ତ ପଂଚାୟତର ଜନପ୍ରତିନିଧି ଓ ବିଭିନ୍ନ ବିଭାଗର ଅଧିକାରୀ ମାନେ ଯୋଗ ଦେଇଥିଲେ। ଏହି ଅବସରରେ ମନରେଗା କାର୍ଯ୍ୟର ସଫଳ ରୂପାୟନ ପାଇଁ ଏହି ବ୍ଲକର ସଂପାରୁ, ଉତରପ୍ରତାପ, ଦେଓଦା, କାଏମା ଓ କୋତପୁର ପଂଚାୟତ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଜନଶୁଣାଣିରେ ମର୍ଜିତାପୁର ବାଲିଘାଟକୁ ବିରୋଧ

ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ବ୍ରାହ୍ମଣୀ ନଦୀର ମର୍ଜିତାପୁରଠାରେ ପ୍ରଶାସନ ପକ୍ଷରୁ ନିଲାମ ଦିଆଯାଇଥିବା ବାଲିଘାଟକୁ ବିରୋଧ ପରେ ଏହାକୁ ନେଇ ଏକ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ସୂଚନା ମୁତାବକ ସ୍ଥାନୀୟ ଅଂଚଳର ଜୟନ୍ତ ଜେନା ବ୍ରହ୍ମଣୀ ନଦୀର ମର୍ଜିତାପୁର ବାଲିଘାଟକୁ ନିଲାମ ସୂତ୍ରରେ ନେଇଥିବା ବେଳେ ସ୍ଥାନୀୟ ଲୋକେ ବିଭିନ୍ନ କାରଣ ଦର୍ଶାଇ ଏହାକୁ ବିରୋଧ କରିବା ସହ ବାଲିଘାଟକୁ ବନ୍ଦ କରିବା ପାଇଁ ଧର୍ମଶାଳା ତହସିଲଦାର ଓ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ବାଲିଘାଟରୁ ବାଲି ଉତୋଳନ କରାଯାଇ ବନ୍ଧ ରାସ୍ତାଦେଇ ପ୍ରତ୍ୟେହ ଶହ ଶହ ସଂଖ୍ୟାରେ ଗାଡି ଯାତାୟାତ କରିବା ଫଳରେ ରାସ୍ତାସାରା ବାଲିପଡିବା ଯୋଗୁଁ ଯାତାୟାତରେ ବାଧା ଉପୁଯିବା ସହ ଲୋକେ ଦୁର୍ଘଟଣାର ଶିକାର ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ମର୍ଜିତାପୁର କଲ୍ୟାଣ ମଣ୍ଡପ ଠାରେ ଏକ ଜନଶୁଣାଣିର ଆୟୋଜନ କରାଯାଇଥିଲା। ଏଥିରେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ କୁମାର ମଲିକ, କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସନ୍ତୋଷ ମିଶ୍ର, ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ, ଏସଡିପିଓ ସଂଜୟ କୁମାର ପଟ୍ଟନାୟକ, ଜେନାପୁର ଥାନା ଅଧିକାରୀ ଉମାକାନ୍ତ ନାୟକ ଓ ସ୍ଥାନୀୟ ରାଜସ୍ୱ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଏହି ଶିବିରରେ ଆଖପାଖ ଅଂଚଳର ୪ ଶହରୁ ଉର୍ଦ୍ଧ ଲୋକ ଉପସ୍ଥିତ ରହିଥିବା ବେଳେ ଅଧିକାଂଶ ଲୋକେ ବାଲିଘାଟକୁ ବିରୋଧ କରିଥିଲେ। ଆଇନ ଶୃଙ୍ଖଳାକୁ ନଜରରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ସେଠାରେ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ତେବେ ପ୍ରଶାସନ ନିଲାମ ପୂର୍ବରୁ ଜନଶୁଣାଣି ନକରି ନିଲାମ ଦେବା ପରେ ଜନଶୁଣାଣି କରି ହରଡଘଣାରେ ଫସିଯାଇଛି। ସ୍ଥାନୀୟ ଲୋକଙ୍କ ବିରୋଧ ପରେ ଉକ୍ତ ବାଲିଘାଟକୁ ବନ୍ଦ କରାଯାଇ ନିଲାମଧାରୀକୁ ଟଙ୍କା ଫେରସ୍ତ କରାଯାଇ ନିଲାମ ବାତିଲ କରାଯାଉଛି କିମ୍ବା ଅନ୍ୟ କି ପଦକ୍ଷେପ ନିଆଯାଉଛି ତାହାକୁ ନେଇ ପ୍ରଶାସନ ଅଡୁଆ ପରିସ୍ଥିତିରେ ପଡିଯାଇଛି।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Praggyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଓଡ଼ିଶାର ଅଗ୍ରଣୀ ବୈଷୟିକ ଶିକ୍ଷା ଅନୁଷ୍ଠାନ ଏମଆଇଟିଏମର ବାର୍ଷିକ ଉତ୍ସବ "ମାଜୁରୁକା ୨୦୨୪" ଉଦଯାପିତ




ଭୁବନେଶ୍ୱର,(ପି.ଏନ): ରାଜଧାନୀ ଭୁବନେଶ୍ୱର ନିକଟବର୍ତ୍ତୀ କାଟେଣୀ ଛକ ନିକଟରେ ଥିବା ଓଡିଶାର ଅଗ୍ରଣୀ ବୈଷୟିକ ଶିକ୍ଷାନୁଷ୍ଠାନ ଏମଆଇଟିଏମ ବାର୍ଷିକ ଉତ୍ସବ "ମାଜୁରୁକା ୨୦୨୪" ଉଦଯାପିତ ହୋଇଯାଇଛି । କଲେଜ ପ୍ରିନ୍ସପାଲ ଦିଲ୍ଲୀପ କୁମାର ସାହୁଙ୍କ ସଭାପତିତ୍ୱରେ ଗତ ଶନିବାର ଉଦଘାଟନୀ ଦିବସରେ ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରଶାସକ ବିଷ୍ଣୁ ପ୍ରସାଦ ସାହୁ ଯୋଗଦେଇ ବୈଷୟିକ ଶିକ୍ଷା ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ କିପରି ଉଜ୍ୱଳ ହୋଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ । ସମ୍ମାନୀତ ଅତିଥି ଭାବେ ଟିସିଏସ ଅନୁଷ୍ଠାନରୁ ଆସିଥିବା ଅବିନାଶ ସାମଲ ଛାତ୍ରଛାତ୍ରୀ ଉଦେଶ୍ୟରେ କିଛି ପ୍ରେରଣାଦାୟୀ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ ଏବଂ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି ଉତ୍ସବରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପ୍ରିନ୍ସପାଲ ଦିଲ୍ଲୀପ କୁମାର ସାହୁ ପୁରସ୍କାର ପ୍ରଦାନ କରିଥିଲେ । ସେହିପରି ଉଦଘାଟନୀ ସଂଧ୍ୟାରେ ଓଡ଼ିଆ ସଂଗୀତ ଜଗତର ଜଣାଶୁଣା କଣ୍ଠଶିଳ୍ପୀ ଅସୀମା ପଣ୍ଡା ଏବଂ ତାଙ୍କ ସାଥୀ କଳାକାର ମାନେ ସଂଗୀତ ଓ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଝଲକ ଏପରି ଥିଲା ଯେ ଅସୀମାଙ୍କ ସଂଗୀତର ତାଳେ ତାଳେ ଉପସ୍ଥିତ ଛାତ୍ରଛାତ୍ରୀ ଓ ଦର୍ଶକ ମାନେ ଝୁମି ଥିଲେ ।

# ମଧୁଶାସନ ଗ୍ରାମର ଶ୍ରୀଦଧିବାବନଜୀଉଙ୍କ ସ୍ଥାବର,ଅସ୍ଥାବର ସମ୍ପତ୍ତି ହଡପ ଓ ଅର୍ଥ ଆତ୍ମସାତ ଅଭିଯୋଗ

କେନ୍ଦ୍ରାପଡା, (ପିଏନ)- ଜିଲ୍ଲାର ପାଟକୁରା ଥାନା ଅନ୍ତର୍ଗତ ମଧୁଶାସନ ଗ୍ରାମର ଅଧିଷ୍ଠାତା ଶ୍ରୀ ଦଧିବାବନଜୀଉଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ହଡପ କରାଯିବା ସହ ଅର୍ଥ ଆତ୍ମସାତ କରାଯାଇଥିବା ମଧୁଶାସନ ଗ୍ରାମପଂଚାୟତର ଅଧିବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ ମଧୁଶାସନ ଗ୍ରାମର ଦୁର୍ଗା ପ୍ରସାଦ ଦାସ ନାମକ ଜନୈକ ବ୍ୟକ୍ତି ଚଂଚକତା କରି ଦେବୋତ୍ତର ବିଭାଗର କେତେକ ଅସାଧୁ କର୍ମଚାରୀଙ୍କୁ ହାତକରି ମଧୁଶାସନ ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ଦଧିବାବନଜୀଉଙ୍କ ମନ୍ଦିର ପରିଚାଳନା ପାଇଁ ଏକ ଟ୍ରଷ୍ଟବୋର୍ଡ ଗଠନ କରି ନିଜେ ସେହି ବୋର୍ଡର ସଭାପତି ଭାବେ ପ୍ରାୟ ବର୍ଷକରୁ ଉର୍ଦ୍ଧ୍ୱ ହେବ ରହିଛନ୍ତି । ସେ ଶ୍ରୀଜୀଉଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ନିଜେ ଓ ନିଜର କିଛି ଅନ୍ଧ ସମର୍ଥକଙ୍କ ସହାୟତାରେ ହଡପ କରିବା ସହିତ ଶ୍ରୀଜୀଉଙ୍କ ଅର୍ଥ ଆତ୍ମସାତ କରୁଥିବା ଅଭିଯୋଗ ହୋଇଛି । ଶ୍ରୀଜୀଉଙ୍କ ପାଇଁ ବିଭିନ୍ନ ସମୟରେ ଦାତାମାନେ ଦାନ କରୁଥିବା ଅର୍ଥକୁ ମଧ୍ୟ ଆତ୍ମସାତ କରାଯାଉଥିବା ଅଭିଯୋଗ ହୋଇଛି । ଏପରିକି ଶ୍ରୀଜୀଉଙ୍କ ନାମରେ ଥିବା ସମ୍ପତି ମଧୁଶାସନ ମୌଜାର ଖାତା ନମ୍ବର - ୪୨୨,ପ୍ଲଟ ନମ୍ବର ୩୫୮୩ ଉପରେ ଥିବା ମୂଲ୍ୟବାନ ଶାଗୁଆନ ଗଛ ୩ଟିକୁ ରାତାରାତି କାଟି ବିକ୍ରୀ କରିବା ସହ ଖାତା ନମ୍ବର ୧୨୯୯,ପ୍ଲଟ ନମ୍ବର ୫୩୧୫ ଓ ୫୩୧୬/୫୫୯୨ ଉପରୁ ବହୁ ଦିନର ମୂଲ୍ୟବାନ ୧୦ଟି ତାଳଗଛକୁ କାଟି ବିକ୍ରୀ କରିଦେଇଥିବା ଅଭିଯୋଗ ହୋଇଛି । ସେହି ଗଛ ସବୁର ମୂଲ୍ୟ ଆନୁମାନିକ ପ୍ରାୟ ଏକଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ । ଅଭିଯୋଗକାରୀମାନେ ଏସମ୍ପର୍କରେ ଟ୍ରଷ୍ଟର ସଭାପତି ଶ୍ରୀ ଦାସଙ୍କୁ ପଚାରିବାରେ ଶ୍ରୀ ଦାସ ସେମାନଙ୍କୁ ଗୁଣ୍ଡା ଲଗାଇ ଧମକଚମକ ଦେବା ସହ ଜୀବନରୁ ମାରିଦେବାକୁ ଧମକପୂର୍ଣ୍ଣ ବାଣୀ ଶୁଣାଇଥିବା ଅଭିଯୋଗ ହୋଇଛି । ଏଥିସହିତ କେତେକ ଉଚ୍ଚପଦସ୍ଥ ସରକାରୀ ଅଧିକାରୀଙ୍କୁ ମିଛ କହି ଅଭିଯୋଗକାରୀମାନଙ୍କ ନାମରେ ଥାନାରେ ମିଥ୍ୟା ମାମଲା କରିବା ସହ ବିଭିନ୍ନ ମିଥ୍ୟା କେଶକରି ନାନା ପ୍ରକାର ଅସୁବିଧାରେ ପକାଉଥିବା ମଧ୍ୟ ଅଭିଯୋଗ ହୋଇଛି । ସେହି ଟ୍ରଷ୍ଟବୋର୍ଡରେ ଗରଦପୁର ତହସିଲଦାର ଓ ପାଟକୁରା ଥାନାର ଭାରପ୍ରାପ୍ତ ଇନିସପେକ୍ଟରଙ୍କୁ ସଦସ୍ୟ ଭାବରେ ରଖାଯାଇଥିବା ବେଳେ ଅଭିଯୋଗକାରୀଙ୍କ ପରିବାରର ୨/୩ଜଣଙ୍କ ନାମରେ ମିଥ୍ୟା ମାମଲା କରାଯାଉଥିବା ସହ ସେହି ପରିବାରର ମହିଳାମାନଙ୍କ ପ୍ରତି ଅସଦାଚରଣ କରିବାକୁ ମଧ୍ୟ ଟ୍ରଷ୍ଟର ସଭାପତି ପଛାଉନଥିବା ଅଭିଯୋଗ ହୋଇଛି । ସଂପୃକ୍ତ ସଭାପତି ଭୁବନେଶ୍ୱରରେ ରହୁଥିବା ବେଳେ ଗ୍ରାମର ଅଧିକାଂଶ ଲୋକଙ୍କୁ ବିଭିନ୍ନ ମାଲିମକଦ୍ଦମାରେ ଛନ୍ଦି ହଇରାଣ କରିବା ସହ ଶ୍ରୀଜୀଉଙ୍କ ସମ୍ପତ୍ତିକୁ ହଡପ କରିବା ଓ ଅର୍ଥକୁ ଆତ୍ମସାତ କରୁଥିବା ଯୋଗୁଁ ଶ୍ରୀଜୀଉଙ୍କ ଦୈନନ୍ଦିନ ନୀତିକାନ୍ତିରେ ଘୋର ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି । ଏସମ୍ପର୍କରେ ବିଧିବଦ୍ଧ ତଦନ୍ତ କରାଯାଇ ଦୋଷୀ ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଅସିତ କୁମାର ମହାନ୍ତି,ସୁବାଷ ଚନ୍ଦ୍ର ପାତ୍ର,ସନ୍ତୋଷ ତ୍ରିପାଠୀ,ହିମାଂଶୁ ଦାସ,ଚନ୍ଦନ ମହାନ୍ତି,ମନୋଜ କୁମାର ଆଚାର୍ଯ୍ୟ,ଅମିତ କୁମାର ଦାସ,ତପନ ଶତପଥୀ,ମନୋରଞ୍ଜନ ଆଚାର୍ଯ୍ୟ,ସନାତନ ବାରିକ,ତାରକେଶ୍ୱର ତ୍ରିପାଠୀ,ପ୍ରମୋଦ କୁମାର ସାହୁ,ଚିତରଞ୍ଜନ ବାରିକ,ନିରଞ୍ଜନ ପଣ୍ଡା,ଭବାନିଶ ପଣ୍ଡା ପ୍ରମୁଖ ଅଭିଯୋଗକାରୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏଥିସହିତ ଅଭିଯୋଗକାରୀମାନେ ଦେବୋତ୍ତର କମିଶନର,କେନ୍ଦ୍ରାପଡା ଆରକ୍ଷୀ ଅଧିକ୍ଷକ,ଗରଦପୁର ତହସିଲଦାର ଓ ପାଟକୁରା ଥାନା ଅଧିକାରୀଙ୍କୁ ମଧ୍ୟ ଅଭିଯୋଗ କରିଥିବା ସୂଚନା ଦେଇଛନ୍ତି

# ବିଜୁଳି ଓ ରାସ୍ତାରୁ ବଂଚିତ ଚନ୍ଦନପୁର ଜେନାସାହି ଗ୍ରାମବାସୀ

କେନ୍ଦ୍ରାପଡା, (ପିଏନ)- ସ୍ୱାଧିନତାର ୭୪ ବର୍ଷ ପରେ ମଧ ଗ୍ରାମବାସୀ ମାନେ ଗାଁକୁ ଯିବାକୁ ରାସ୍ତା ପାଉ ନଥିବା ବେଳେ ଗ୍ରାମ୍ୟ ବିଦ୍ୟୁତକରଣ ଯୋଜନା ସାତ ସପନ ହୋଇ ରହିଛି । ରାସ୍ତା ନଥିବାରୁ ବର୍ଷ ସାରା ପାଣି କାଦୁଅରେ ପଶି ବିଲ ଭିତରେ ନିଜ ଘରକୁ ଯାଉଥିବା ଭଳି ଏକ ବାସ୍ତବ ଚିତ୍ର କେନ୍ଦ୍ରାପଡା ବ୍ଲକ ଅଧିନ କଂସାର ପଂଚାୟତର ଚନ୍ଦନପୁର ଗ୍ରାମର ଜେନାସାହିରେ ଦେଖିବାକୁ ମିଳୁଛି । ଚନ୍ଦନପୁର ଗ୍ରାମର ପଡା ଗ୍ରାମରେ ରହୁଥିବା ପ୍ରାୟ ୨୦ଟି ପରିବାର ରାସ୍ତା ଓ ଆଲୋକ ପାଇଁ ଅଭିଶପ୍ତ ଜୀବନ ବିତାଉଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । କେନ୍ଦ୍ରାପଡା ଟାଉନରୁ ମାତ୍ର ୭ କିମି ଦୂରରେ ଅବସ୍ଥିତ ଏହି ଗ୍ରାମର ଅବସ୍ଥା ଆଖିରେ ନଦେଖିଲେ ବିଶ୍ୱାସ କରିହେବ ନାହିଁ । ନିର୍ବାଚନ ସମୟରେ ଭୋଟ୍ ପାଇଁ ପ୍ରଚାର କରିବାକୁ ଆସୁଥିବା ନେତା ମାନେ ରାସ୍ତା ଏବଂ ଆଲୁଅ ଯୋଗାଇ ଦେବା ପାଇଁ ପ୍ରତିଥର ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଉଥିଲେ ମଧ ଏପର୍ଯ୍ୟନ୍ତ ତାହା ପାଣିର ଗାର ହୋଇ ରହିଛି । ସ୍ଥାନୀୟ ସରପଂଚ ପ୍ରଦ୍ୟୁମ୍ନ ଜେନା ଏହି ସମସ୍ୟାର ସମାଧାନ ପାଇଁ ବାରମ୍ବାର ଉଦ୍ୟମ କରିଥିଲେ ମଧ ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ୍ ବିଭାଗର ଅସହଯୋଗ କାରଣରୁ ସ୍ଥାନୀୟ ବାସିନ୍ଦା ଦହଗଞ୍ଜ ଭୋଗୁଥିବା ଜଣାପଡିଛି । ଏହି ଗ୍ରାମରେ ରହୁଥିବା ପ୍ରାୟ ୨୦ ଘର ଦଳିତ ସଂପ୍ରଦାୟର ପରିବାର ନିଜର ମୌଳିକ ସୁବିଧା ପାଇବା ପାଇଁ ଆପତି ଅଭିଯୋଗ କଲେ ମଧ କେହି ଶୁଣିବାକୁ ନାହାନ୍ତି । ନିର୍ବାଚିତ ପ୍ରତିନିଧି ମାନେ ଭୋଟ୍ ପାଇବା ପରେ ଦ୍ୱିତୀୟ ଥର ପାଇଁ ଗାଁ ଭିତରେ ପାଦ ପକାଉ ନଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି ।

# ଜନଶକ୍ତି ପାର୍ଟି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର

କେନ୍ଦ୍ରାପଡା (ପିଏନ)- ଜନଶକ୍ତି ପାର୍ଟି ପକ୍ଷରୁ କରୋନା ମହାମାରୀ ସମୟରେ ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡିଥିବା ଅଭିଯୋଗ କରାଯାଇଛି । ଉଦାହରଣ ସ୍ୱରୁପ କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ୬୨ ଟି ଡାକ୍ତର ପଦବୀ ମଧ୍ୟରୁ ମାତ୍ର ୨୩ ଜଣ ଡାକ୍ତର ଅଛନ୍ତି । ଅନେକ ସମୟରେ ଡାକ୍ତରମାନେ ବେସରକାରୀ ଭାବେ ଚିକିତ୍ସା କରୁଥିବାରୁ ଗରିବ ଅସହାୟ ଲୋକ ମାନଙ୍କୁ ପ୍ରକୃତ ଚିକିତ୍ସା କରାନଯାଇ କଟକ ବଡ ଡାକ୍ତରଖାନାକୁ ପଠାଇ ଦିଆଯାଉଛି । ଗରିବ ଲୋକଟି ଆମ୍ବୁଲାନସ ସୁବିଧାରୁ ମଧ୍ୟ ବଂଚିତ ହେଉଛି । ସେହିପରି କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ପର୍ଯ୍ୟାପ୍ତ ସଂଖ୍ୟକ ବେଡ ନାହିଁ ଏବଂ ଯାହା କିଛି ଅଛି ତାହା ସମ୍ପୂର୍ଣ୍ଣ ଭାବେ ପୁରୁଣା ଓ ନଷ୍ଟ ହୋଇ ଯାଇଛି । ୨.୯୦ କି.ମି ବାଟ ଟ୍ରଲିରେ ବୁହା ହୋଇ ଆସିଥିବା ଅସହାୟ ମହିଳାଙ୍କ ମୃତ୍ୟୁର ପ୍ରକୃତ ତଦନ୍ତ କରାଗଲେ ଓଡିଶାରେ ସ୍ୱାସ୍ଥ୍ୟସେବାର ପ୍ରକୃତ ଚିତ୍ର ପଦାକୁ ଆସିପାରିବ । ସେହି ପରିବାରର ଜଣଙ୍କୁ ସରକାରୀ ଚାକିରୀ ପ୍ରଦାନ କରାଯାଉ । ଓଡିଶାରେ ବିଭିନ୍ନ ଖାଉଟି ସାମଗ୍ରୀ ଓ ପନିପରିବାର ଅହେତୁକ ଦର ବୃଦ୍ଧି ଜନ ସମାଜକୁ ବ୍ୟଥିତ କରୁଛି । ଏହାର ନିରାକରଣ ନିମନ୍ତେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜନଶକ୍ତି ପାର୍ଟି ପକ୍ଷରୁ ଦାବୀ କରାଯାଇଛି । ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ଆଡଭୋକେଟ ପ୍ରଦୀପ କୁମାର ଦାଶ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ସହକାରୀ ଜିଲ୍ଲାପାଳ ଶିବ ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି ।

# ଚୋରୀ ମାମଲାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ଉଠାଇନେଇଛି

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ସହରର ସଟରତାଡି ଚୋରୀ କରିବା ଓ ମହିଳା ବିଜେଡି ସଭାନେତ୍ରୀଙ୍କ ଘରୁ ଝରକା ରେଲିଂ ତାଡି ଚୋରୀ କରିବା ଘଟଣାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ସନ୍ଦେହରେ ଉଠାଇ ନେଇ କୌଣସି ଏକ ଅଜଣା ସ୍ଥାନରେ ରଖି ପଚରାଉଚୁରା କରୁଥିବା ଜଣାପଡିଛି । ପୋଲିସ ଉଠାଇ ନେଇଥିବା ସଂପୃକ୍ତ ବ୍ୟକ୍ତି ହେଉଛନ୍ତି ଟାଉନ ଥାନା ଅନ୍ତର୍ଗତ ରଣପଡା ଗ୍ରାମର ସେକ ବାବୁ ।

# ଓଡ଼ିଶା ସରକାରଙ୍କ ବିଶ୍ୱବିଦ୍ୟାଳୟ ସଂସ୍କାର ବିରୋଧରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ବାରିପଦା, (ପିଏନ)- ଓଡ଼ିଶାରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସଂସ୍କାର ଆଣିବା ନିମନ୍ତେ ଗତ ସେପ୍ଟେମ୍ବର ୪ରେ ପ୍ରକାଶିତ ଅଧ୍ୟାଦେଶ ସଂଖ୍ୟା ୮୨୧୯-ଆଇ-ଲେଗିସି- ୩୫/ ୨୦୨୦/ ଏଲକୁ ବିରୋଧ କରି ମୟୂରଭଞ୍ଜ ସିଟିଜେନ ଫୋରମ୍, ମୟୂରଭଞ୍ଜ ସାହିତ୍ୟ ପରିଷଦ ପ୍ରମୁଖ ସଙ୍ଗଠନ ସହ ଜିଲ୍ଲାର ବୁଦ୍ଧିଜୀବୀଗଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପ୍ରକାଶିତ ଅଧ୍ୟାଦେଶ ଅନୁଯାୟୀ ରାଜ୍ୟରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ଏଣିକି ବିଶ୍ୱବିଦ୍ୟାଳୟ ସ୍ତରରେ କୁଳପତିଙ୍କ ଅଧ୍ୟକ୍ଷତାରେ ନହୋଇ ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନଙ୍କ ଦ୍ୱାରା କରାଯିବ । ଯାହାକୁ ନେଇ ବିବାଦ ଦେଖାଦେଇଛି । ବିଶ୍ୱବିଦ୍ୟାଳୟ ଏକ ସ୍ୱୟଂଚାଳିତ ଶିକ୍ଷା ଅନୁଷ୍ଠାନ । ଉହା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆର୍ଥିକ ସହଯୋଗରେ ପରିଚାଳିତ ହୋଇଥାଏ । ଏହାର ଆସିଷ୍ଟାଂଟ ପ୍ରଫେସର, ଆସୋସିଏଟ ପ୍ରଫେସର, ପ୍ରଫେସର ନିଯୁକ୍ତି ପ୍ରକ୍ରିୟା ଭାରତ ସରକାରଙ୍କ ସ୍ୱତନ୍ତ୍ର ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ନିର୍ଦ୍ଦିଷ୍ଟ ନୀତି, ମାର୍ଗଦର୍ଶୀକା ଅନୁଯାୟୀ ହୋଇଥାଏ । ସେହିପରି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକମାନଙ୍କର ଚାକିରୀରୁ ଅବସର, ପଦୋନ୍ନତି, ପରିତ୍ୟାଗ, ବୀଦେଶ ଗମନ, ଅନ୍ୟ ବିଶ୍ୱବିଦ୍ୟାଳୟରେ ଯୋଗଦାନ ଆଦି କାରଣରୁ ପ୍ରତ୍ୟେକ ବର୍ଷ ବହୁ ପଦବୀ ଖାଲିପଡ଼ିଥାଏ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନୀତି ଓ ମାର୍ଗଦର୍ଶୀକା ଅନୁଯାୟୀ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଶିକ୍ଷକ ନିଯୁକ୍ତି ଚୟନ କମିଟି ତତ୍କାଳ ଏହାର ନିଯୁକ୍ତି ପ୍ରକ୍ରିୟା ଶେଷ କରି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା ବାତାବରଣକୁ ରକ୍ଷା କରିପାରିଥାଏ । ବିଶ୍ୱବିଦ୍ୟାଳୟ ସମାଜର ସର୍ବୋଚ୍ଚ ସମ୍ମାନୀୟ ଜ୍ଞାନ ଓ ଗବେଷଣାର ପବିତ୍ର କ୍ଷେତ୍ର ହୋଇଥିବା ସମୟରେ କୁଳପତି ମଧ ସର୍ବୋଚ୍ଚ ସମ୍ମାନୀୟ ବ୍ୟକ୍ତି ଅଟନ୍ତି । ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଓଡ଼ିଶା ପବ୍ଲିକ ସାର୍ଭିସ କମିଶନଙ୍କ ଦ୍ୱାରା ପରିଚାଳିତ ହେଲେ ଖୋଲା ଖୋଲି ଭାବରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାର ନୀତି ଓ ମାର୍ଗଦର୍ଶୀକାକୁ ଉଲ୍ଲଙ୍ଘନ କରାଇବ । ପୁଣି ଓପିଏସସି ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ଶେଷ କରିବା ଅସମ୍ଭବ ଅଟେ । ଫଳରେ ଶିକ୍ଷକ ଅଭାବ ଜନିତ ପରିସ୍ଥିତି ହେତୁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟିହେବା ସାଙ୍ଗକୁ ଅଶାନ୍ତ ବାତାବରଣର କାରଣ ପାଲଟି ଯିବ । ପୁଣି କୁଳପତି ପରି ସର୍ବୋଚ୍ଚ ପଦବୀର ଅମର୍ଯ୍ୟାଦା ହୋଇ ତାହା ପ୍ରଶାସନ ଓ ଅମଲାତନ୍ତ୍ରର ଖେଳନା ହୋଇଯିବ । ଏଥି ସହିତ ବିଶ୍ୱବିଦ୍ୟାଳୟର ଚରମ ଅଧୋଗତି ହେବ ବୋଲି ଦର୍ଶାଇ ମୟୁରଭଞ୍ଜ ସିଟିଜେନ ଫୋରମ ସଭାପତି ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ, ଓଡ଼ିଆ ଜାଗରଣ ମଂଚର ସଭାପତି ଶରତ ଚନ୍ଦ୍ର ନାୟକ, ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ ପ୍ରମୁଖଙ୍କ ସମେତ ଜିଲ୍ଲାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ବେଳେ ଏହାର ନକଲ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଚେୟାରମ୍ୟାନ ଓ ସେକ୍ରେଟେରୀ, ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ, ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି ।


MAHARISHI PUBLIC SCHOOL
मा विद्याधिगम्


2024-2025

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
୨୬ ବର୍ଷରେ
Bhubaneswar Tuesday April 02, 2024 ଭୁବନେଶ୍ୱର ମଙ୍ଗଳବାର, ଅପ୍ରେଲ ୦୨,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# କିଟ୍ ଓ କିସ୍ ପକ୍ଷରୁ ଉତ୍କଳ ଦିବସ ପାଳିତ



ଭୁବନେଶ୍ୱର,(ପି.ଏନ): କିଟ୍ ଓ କିସ୍ ପକ୍ଷରୁ ସୋମବାର ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କିଟ୍ ଓ କିସ୍ ପକ୍ଷରୁ ଉତ୍କଳର ବରପୁତ୍ରମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ ପରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ସେମାନଙ୍କ ଉଲ୍ଲେଖନୀୟ ଅବଦାନର ସ୍ମୃତିଚାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ବକ୍ତବ୍ୟ ଦେଇ ଓଡିଶା ସ୍ୱତନ୍ତ୍ର ରାଜ୍ୟ ଗଠନର ଶହେବର୍ଷ ପୂରଣ କରିବାକୁ ଯାଉଥିବା ବେଳେ କିଟ୍ ଓ କିସ୍ ପ୍ରତିଷ୍ଠା ହେବାଠାରୁ ଓଡିଶାର ବିକାଶ ଧାରାରେ ଏହି ଦୁଇ ଅନୁଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଆସିଛି ବୋଲି କହିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, କଳା, ସଂସ୍କୃତି ଓ ସାହିତ୍ୟ ଆଦିର ବିକାଶ ଦିଗରେ କିଟ୍ ଓ କିସ୍‌ର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଆସିଛି। ଏହି ଧାରା ଭବିଷ୍ୟତରେ ମଧ ବଜାୟ ରହିବ ବୋଲି ଶ୍ରୀ ସାମନ୍ତ କହିଥିଲେ। କିସ୍ ବିଶ୍ୱବିଦ୍ୟାଳୟର ଉପକୁଳାଧିପତି ପ୍ରଫେସର ଅମରେଶ୍ୱର ଗାଲା ଓଡିଆମାନଙ୍କ ଭଲ ପାଇବା ଓ ଆତିଥ୍ୟର ବେଶ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ସିବିକେ ମହାନ୍ତି ଓ କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ପ୍ରମୁଖ ଉଦ୍‌ବୋଧନ ଦେଇଥିବା ବେଳେ କିଟ୍ ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କିଟ୍ ଓ କିସ୍ କର୍ମଚାରୀଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। କିସ୍ ଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ମଣ୍ଡେଇ ନୃତ୍ୟ, ସାନ୍ତାଳୀ ନୃତ୍ୟ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଅପରାହ୍ନରେ କିସ୍‌ରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଫେସର ଏମେରିଟସ୍‌ମାନଙ୍କ ଉପସ୍ଥିତିରେ ଉତ୍କଳ ଦିବସ ପାଳନ କରାଯାଇଥିଲା।

# ପାରାଦୀପ ଉତ୍କଳ ସମ୍ମିଳନୀ ଆନୁକୂଲ୍ୟରେ ୮୯ ତମ ଉତ୍କଳ ଦିବସ ସମାରୋହରେ ପାଳିତ



ପାରାଦୀପ,(ପି.ଏନ): ପାରାଦୀପ ଉତ୍କଳ ସମ୍ମିଳନୀ ପକ୍ଷରୁ ୮୯ ତମ ଉତ୍କଳ ଦିବସ ପାରାଦୀପ ମୁନିସିପାଲିଟି ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ଅପ୍ରେଲ ୧ ତାରିଖ ଦିନ ମହା ସମାରୋହରେ ପାଳିତ ହୋଇଯାଇଛି । ବନ୍ଦେ ଉତ୍କଳ ଜନନୀ ସାରସ୍ୱତ ସମାରୋହରେ ଉତ୍କଳ ଗୌରବ ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁ, ବ୍ୟାସ କବି ଫକୀର ମୋହନ, ସ୍ୱଭାବ କବି ଗଙ୍ଗାଧର ମେହେର, ପାରଳା ମହାରାଜ କୃଷ୍ଣଚନ୍ଦ୍ର ଦେବ ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଉପରେ ସ୍ୱରଚିତ କବିତା ପାଠ କରାଯାଇଥିଲା । ଏହି କବିତା ପାଠୋତ୍ସବ ରେ କବୟିତ୍ରୀ ହାରାମଣି ମହାପାତ୍ର, ଗୋଲାପ ରାଣୀ ସାହୁ ଓ ଆରତୀ ତ୍ରିପାଠୀ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କବିତା ଆସରରେ କବି ପ୍ରଶାନ୍ତ ରାଉତ ଓ ରଶ୍ମିରେଖା ବେହେରା ସଂଯୋଜନା କରିଥିଲେ । ପାରାଦୀପ ଉତ୍କଳ ସମ୍ମିଳନୀ ର ସଭାପତି ଧ୍ରୁବ ଚରଣ ମହାପାତ୍ର ଙ୍କ ପୌରହିତ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ସମାବେଶ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ପାରାଦୀପ ବନ୍ଦର ଉପ ସରଂକ୍ଷକ ଅଲେଖ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଡା. ଅରବିନ୍ଦ ନାୟକ, ସମ୍ମାନିତ ଅତିଥି ଭାବେ ବରିଷ୍ଠ କବି ବାବୁରାମ ଚୌଧୁରୀ ଓ ମୁନିସିପାଲିଟି ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରୁଣ କୁମାର ବିଶ୍ୱାଳ ଜିଗଦେଇ ଓଡ଼ିଆ ଭାଷା, ସଂସ୍କାର ଓ ଭାସ୍କର୍ଯ୍ୟ ର ଉତଥାନ ଉପରେ ଗୁରୁତ୍ୱାରୋପ କରିଥିଲେ । ଉତ୍କଳ ସମ୍ମିଳନୀ ପାରାଦୀପ ଶାଖାର ସଭାପତି ଶ୍ରୀ ମହାପାତ୍ର ମଧୁ ବାବୁ ଓ ଗୋପବନ୍ଧୁ ଙ୍କ ତ୍ୟାଗ ଆମକୁ ପରିଚୟ ଆଣିଦେଇଛି । ଆଜି ଆମେ ତାଙ୍କ ତ୍ୟାଗକୁ ଅଣଦେଖା କରୁଛୁ ବୋଲି କ୍ଷୋଭ ର ସହ କହିଥିଲେ । ସଚେତନ ଶିକ୍ଷିତ ଓଡ଼ିଆ ଉଚ୍ଚ ସ୍ୱାଭିମାନ ର ଅନ୍ୱେଷଣ ରେ ବ୍ୟତିବ୍ୟସ୍ତ ବୋଲି ଶ୍ରୀ ମହାପାତ୍ର ଉଲ୍ଲେଖ କରିଥିଲେ । ଅନୁଷ୍ଠାନର ସହ ସମ୍ପାଦକ ଶାରଦା ପ୍ରସାଦ ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କବି ନଗେନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ପାଇଁ ପାରାଦୀପ ଶିକ୍ଷାଞ୍ଚଳରେ ଥିବା ୧୨ ଗୋଟି ଉଚ୍ଚ ବିଦ୍ୟାଳୟ ର ଓଡ଼ିଆ ସାହିତ୍ୟରେ ସର୍ବୋଚ୍ଚ ନମ୍ବର ରଖିଥିବା ପିଲାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଶ୍ରୀ କ୍ରିଷ୍ଣା ଇ ରନ୍ୟାସନାଲ ସ୍କୁଲରେ ଉତ୍କଳ ଦିବସ ପାଳିତ



ଭୁବନେଶ୍ୱର,(ପି.ଏନ): ଭୁବନେଶ୍ୱର ଉପକଣ୍ଠ ମଳିପଡା ସ୍ଥିତ ଶ୍ରୀ କ୍ରିଷ୍ଣା ଇ ରନ୍ୟାସନାଲ ସ୍କୁଲରେ ପବିତ୍ର ଉତ୍କଳ ପାଳିତ ହୋଇଯାଇଛି। ସ୍କୁଲର ଅଧକ୍ଷା ନମ୍ରତା ସିଂ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ଚେୟାରମ୍ୟାନ ପବିତ୍ର ରାଉତରାୟ ଯୋଗଦେଇ ଉତ୍କଳ ଦିବସର ମହତ୍ତ୍ୱ ସମ୍ବନ୍ଧରେ କହିବା ସହିତ ଉତ୍କଳର ସେହି ମହାନ ଜନନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ପରାମର୍ଶ ଦେଇଥିଲେ। ଉପାଧ୍ୟକ୍ଷ କବିନ୍ଦ୍ର ଦାଶ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରୁ ସୃଷ୍ଟି ହୋଇଥିବା ମହାନ ଉତ୍କଳୀୟ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ପାଇଁ ସମସ୍ତେ ଚେଷ୍ଟା କରିବା ଆବଶ୍ୟକ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗଦାନ କରି ଅଭିଭାଷଣ ରଖିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସୁଷମା ଚୟନି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଖପ୍ରାଖୋଲରେ ଭାଜପାର ବ୍ଲକ ସ୍ତରୀୟ କାର୍ଯ୍ୟାଳୟ ଉଦଘାଟିତ

ଖପ୍ରାଖୋଲ,(ପିଏନ) ସ୍ଥାନୀୟ ଦଣ୍ଡସେନା କମ୍ପ୍ଲେକ୍ସ ପରିସରରେ ଭାଜପା ର ବ୍ଲକ ସ୍ତରୀୟ କାର୍ଯ୍ୟାଳୟ ସୋମବାର ଉଦଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଭାଜପା ର ବରିଷ୍ଠ ନେତା ତଥା ପାଟଣାଗଡ଼ ପୁର୍ବତନ ବିଧାୟକ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ ନାଲିଫିତା କାଟି ନଡ଼ିଆ ଭାଙ୍ଗି ଉଦଘାଟନ କରିଥିଲେ । ଏହି ଅବସରରେ କାର୍ଯ୍ୟାଳୟ ପରିସରରେ ଭାରତ ମାତାଙ୍କ ପୂଜା କରାଯାଇଥିବା ବେଳେ ଏକ ସଭା ମଣ୍ଡଳ ସଭାପତି ଦେବକାନ୍ତ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଇଥିଲା। ବୈଠକ ରେ ମୋଦୀ ସରକାର୍‌ର ସଫଳତା ଉପର ଆଲୋକପାତ କରିବା ସହିତ ରାଜ୍ୟ ସରକାର ଙ୍କ ବିଫଳତା ଉପର କହିବା ସହ କର୍ମୀଙ୍କୁ ସଙ୍ଗଠିତ ହୋଇ ଡବଲ ଇଞ୍ଜିନ ସରକାର୍ ପାଇଁ ଲଢ଼ିବାକୁ କହିଥିଲେ।ଏହି ଅବସରରେ ନୂତନ ସଦସ୍ୟ ଙ୍କୁ ସ୍ୱାଗତ କରାଯାଇଥିଲେ। ବରିଷ୍ଠ ସଦସ୍ୟ ପଦ୍ମ ସିଂହ ବରିହା, ନିରାକାର ବାରିକ, ହରିବୋଲ ପୋଢ଼, କିଶୋର ଶର୍ମା,ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ଖୋର୍ଦ୍ଧାର କଥିତ ଭାଷା ହେଉଛି ପ୍ରକୃତ ଓଡ଼ିଆ ଭାଷା

ଖୋର୍ଦ୍ଧା, (ପି.ଏନ): ଖୋର୍ଦ୍ଧାର କଥିତ ଭାଷା ହେଉଛି ପ୍ରକୃତ ଓଡ଼ିଆ ଭାଷା। ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହ ହେଉଛି ଓଡ଼ିଆ ଅସ୍ମିତାର ପରିଚାୟକ। ବୀରରସର ପରିଚୟ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିରେ ଭରି ହୋଇ ରହିଛି ବୋଲି କଳିଙ୍ଗ ପାଇକ ସଂଗଠନ ପକ୍ଷରୁ ମତ ପ୍ରକାଶ ପାଇଛି। ଉତ୍କଳ ଦିବସ ଅବସରରେ ସ୍ଥାନୀୟ ପଂଚ ପାଇକ ପୀଠରେ ଶ୍ରଦ୍ଧାଂଜଳି ଅର୍ପଣ କରିଥିଲେ ସଦସ୍ୟମାନେ। ସଭାପତି ଭୀମସେନ ପ୍ରଧାନଙ୍କ ନେତୃତ୍ୱରେ ମୁଖ୍ୟ ଉପଦେଷ୍ଟା ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଉପସଭାପତି ପ୍ରଫୁଲ୍ଲ କୁମାର ସାମନ୍ତରାୟ, ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ଗତିକୃଷ୍ଣ ଉତରକବାଟ, ନିରାକର ଜେନା, ଧରଣୀଧର ଛୋଟରାୟ ପ୍ରମୁଖ ଉପସ୍ଥିତ ରହି ଭାଷା ଆଧାରିତ ସ୍ୱତଂତ୍ର ରାଜ୍ୟ ଗଠନ ତଥା ଉତ୍କଳୀୟ ସ୍ୱାଭିମାନ ସମ୍ବନ୍ଧରେ ସ୍ମୃତିଚାରଣ କରିଥିଲେ।

# ରେଡ଼କ୍ରସ ଆଞ୍ଚଳିକ ରକ୍ତ ସେଣ୍ଟରର ପ୍ରଥମ ବାର୍ଷିକୀ ଦିବସ ପାଳିତ




ଭୁବନେଶ୍ୱର,(ପି.ଏନ): ଭାରତୀୟ ରେଡ଼କ୍ରସ ସୋସାଇଟି ଓଡିଶା ରାଜ୍ୟ ଶାଖାର ଅବୈତନିକ ସଚିବ ଶ୍ରୀଯୁକ୍ତ ଶ୍ରୀଯୁକ୍ତ ବିଭୁତି ଭୂଷଣ ପଟ୍ଟନାୟକ ଙ୍କ ତତ୍ୱାବଧାନରେ ଭୁବନେଶ୍ୱରର ରେଡ଼କ୍ରସ ଭବନରେ ଥିବା ରେଡ଼କ୍ରସ ଆଞ୍ଚଳିକ ରକ୍ତ ସେଣ୍ଟର ର ପ୍ରଥମ ବାର୍ଷିକୀ ଦିବସ ପାଳିତ ହୋଇଯାଇଛି । ଏଥିରେ ଷ୍ଟେଟ ଟ୍ରାନଫୁଜନ ବ୍ଲଡ଼ କାଉନସିଲ ର ନିର୍ଦ୍ଦେଶକ ଡ଼ଃ ନୀଳକଣ୍ଠ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କେନ୍ଦ୍ରୀୟ ରେଡ଼କ୍ରସ ରକ୍ତ ସେଣ୍ଟର କଟକର ନିର୍ଦ୍ଦେଶକ ଶ୍ରୀଯୁକ୍ତ ଚନ୍ଦ୍ରିକା ପ୍ରସାଦ ଦାଶ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ରେଡ଼କ୍ରସ ରକ୍ତ ସେଣ୍ଟର ର ମେଡିକାଲ ଅଧିକାରୀ ଡ଼ଃ ପ୍ରଦୀପ କୁମାର ମହାରଣା, ଡ଼ଃ ଦେବି ପ୍ରସାଦ ରଥ, ଡ଼ଃ ରଘୁନାଥ ବେହୁରା ଓ ରେଡ଼କ୍ରରର କୋଷାଧକ୍ଷ ଶ୍ରୀଯୁକ୍ତ ଭବାନୀ ପ୍ରସାଦ ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥି ମାନେ ଯୁବ ରେଡ଼କ୍ରର ସ୍ୱେଚ୍ଛାସେବୀ, କାଉନସେଲର, ଜୁନିଅର ରେଡ଼କ୍ରସର କାଉନସେଲର, ବ୍ଲଡ଼ କ୍ୟାମ୍ପ ଅର୍ଗାନାଇଜର, ରେଡ଼କ୍ରସର କର୍ମଚାରୀ ମାନଙ୍କୁ ବ୍ଲଡ଼ ସେଣ୍ଟରର ସଫଳତା ଓ ରକ୍ତଦାନ ଉପରେ ଆଲୋକପାତ କରିଥିଲେ । ରେଡ଼କ୍ରସର ସଚିବ ଶ୍ରୀଯୁକ୍ତ ବିଭୁତି ଭୂଷଣ ପଟ୍ଟନାୟକ ଗ୍ରୀଷ୍ମ ଦିନରେ ସୃଷ୍ଟି ହେଉଥିବା ରକ୍ତଭାବ ଦୂର ପାଇଁ ରକ୍ତଦାତା ଓ ବ୍ଲଡ଼ କ୍ୟାମ୍ପ ସଂଗଠକ ମାନଙ୍କୁ ଆବେଦନ କରିଥିଲେ । ଏହି ଅବସରରେ ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ଯୁବ ସ୍ୱେଚ୍ଛାସେବୀ ମାନେ ଜନ ସାଧାରଙ୍କୁ ସଚେତନ କରିବା ପାଇଁ ଏକ ମାନବଶୃଙ୍ଖଳ କରିଥିଲେ । ସ୍ୱେଚ୍ଛାସେବୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା । ବ୍ଲଡ଼ କ୍ୟାମ୍ପ ଅର୍ଗାନାଇଜର ମାନେ ରେଡ଼କ୍ରସ ଆଞ୍ଚଳିକ ରକ୍ତ ସେଣ୍ଟର ସହ ମିଶି ବ୍ଲଡ଼ କ୍ୟାମ୍ପ କରିଥିବାରୁ ସେମାନଙ୍କୁ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଯୁବ ରେଡ଼କ୍ରସ ଅଧିକାରୀ ଡ଼ଃ ରମେଶ ଚନ୍ଦ୍ର ବେହେରା ସଂଯୋଜନା କରିଥିଲେ କ୍ଷ ଶ୍ରୀଯୁକ୍ତ ଗୁଲସନ କୁମାର ଦାଶ ବ୍ଲଡ଼ କ୍ୟାମ୍ପ ଅର୍ଗାନାଇଜର ମାନଙ୍କୁ ସମ୍ମାନିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ପରିଶେଷରେ ଡ଼ଃ ପ୍ରଦୀପ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।

# ପଣ୍ୟ କାରବାରରେ ବୃହତ ବନ୍ଦର ମଧ୍ୟରେ ୧ ନମ୍ବର ସ୍ଥାନ ହାସଲ କଲା ପାରାଦୀପ ବନ୍ଦର

ପାରାଦୀପ,(ପି.ଏନ): ଗତ ଆର୍ଥିକ ବର୍ଷ ୨୦୨୩-୨୪ ରେ ଅବିଶ୍ୱାସନୀୟ ୧୪୫.୩୮ ନିୟୁତ ମେଟ୍ରିକ ଟନ ପଣ୍ୟ କାରବାର କରି ପାରାଦୀପ ବନ୍ଦର ଦେଶର ବୃହତ ବନ୍ଦର ମଧ୍ୟରେ ୧ ନମ୍ବର ସ୍ଥାନ ହାସଲ କରିଛି । ଏହି ନୂତନ କୀର୍ତ୍ତିମାନ ସହିତ ପାରାଦୀପ ବନ୍ଦର କାଣ୍ଡଲା ବନ୍ଦରକୁ ପଛରେ ପକାଇ ନୂତନ କୀର୍ତ୍ତିମାନ ସ୍ଥାପନ କରିଛି । ବନ୍ଦର ଟ୍ରାଫିକ ଚଳାଚଳ ର ୫୬ ବର୍ଷ ଇତିହାସରେ ଏହା ପ୍ରଥମ । ବିଗତ ଆର୍ଥିକ ବର୍ଷ ତୁଳନାରେ ବନ୍ଦର ପଣ୍ୟ କାରବାରର ୧୦.୦୨ ନିୟୁତ ମେଟ୍ରିକ ଟନ ବା ୭.୪ ପ୍ରତିଶତ ଅଭିବୃଦ୍ଧି ଘଟିଛି କ୍ଷ ଉପକୂଳ ପଣ୍ୟ କାରବାର କ୍ଷେତ୍ରରେ ପାରାଦୀପ ବନ୍ଦର ଅଦ୍ୟାବଧି ସର୍ବାଧିକ ୫୯.୧୯ ନିୟୁତ ମେଟ୍ରିକ ଟନ ପଣ୍ୟ କାରବାର କରିଛି କ୍ଷ ଉପକୂଳ ତାପଜ କୋଇଲା ପଣ୍ୟ କାରବାର ୪୩.୯୭ ନିୟୁତ ମେଟ୍ରିକ ଟନ ରେ ପହଞ୍ଚିଛି ଯାହାକି ବିଗତ ଆର୍ଥିକ ବର୍ଷ ତୁଳନାରେ ୪.୦୨ ପ୍ରତିଶତ ଅଭିବୃଦ୍ଧି ଘଟିଛି । ସେହିପରି ବନ୍ଦରର ବର୍ଥ ଉତ୍ପାଦନ ବିଗତ ବର୍ଷ ତୁଳନାରେ ୬.୩୩ ପ୍ରତିଶତ ବୃଦ୍ଧି ପାଇ ଦୈନିକ ୩୩.୦୧୪ ମେଟ୍ରିକ ଟନ ରେ ପହଞ୍ଚିଛି ଯାହାକି ବୃହତ ବନ୍ଦର ମଧ୍ୟରେ ଏହା ସର୍ବାଧିକ । ଏହି ସମୟରେ ପାରାଦୀପ ବନ୍ଦରରେ ସର୍ବାଧିକ ୨୭୧୦ ଟି ଜାହାଜ ଗମନାଗମନ କରିଛି ଯାହା ବିଗତ ଆର୍ଥିକ ବର୍ଷ ଠାରୁ ୧୩.୮୨ ପ୍ରତିଶତ ଅଧିକ । ସେହିପରି ଯାନ୍ତ୍ରିକ କୋଇଲା ହ୍ୟାଣ୍ଡଲିଙ୍ଗ ପ୍ଲାଣ୍ଟ ରେ ସର୍ବାଧିକ ୨୭.୧୨ ନିୟୁତ ମେଟ୍ରିକ ଟନ କୋଇଲା ପରିଚାଳନା ହୋଇଛି । ବ୍ୟବସାୟିକ ଅଭିବୃଦ୍ଧି ପାଇଁ ପାରାଦୀପ ବନ୍ଦର ରେ ପଣ୍ୟ ପରିଚାଳନା ମୂଲ୍ୟ ୨୦୨୨ ମସିହା ଠାରୁ ୩ ବର୍ଷ ନିମନ୍ତେ ସ୍ଥିର ରଖାଯାଇଛି କ୍ଷ ଅନ୍ତରୀଣ ଆର୍ଥିକ କାରବାରରେ ବନ୍ଦରର ପରିଚାଳନାଗତ ରାଜସ୍ୱ ୨୩ ଶହ କୋଟି ଟଙ୍କା ଅତିକ୍ରମ କରିଛି ଯାହାକି ପୂର୍ବ ବର୍ଷ ତୁଳନାରେ ୧୪.୩୦ ପ୍ରତିଶତ ଅଭିବୃଦ୍ଧି ହୋଇଛି । ଟିକସ ଦେବା ପରେ ପାରାଦୀପ ବନ୍ଦରର ଲାଭଂଶ ୧୦୨୦ କୋଟି ଟଙ୍କାରେ ପହଞ୍ଚିଛି ଯାହାକି ପୂର୍ବ ବର୍ଷ ତୁଳନାରେ ୨୦ ପ୍ରତିଶତ ଅଧିକ । ତେବେ ବନ୍ଦରର ଏହି ଐତିହାସିକ ସଫଳତା ହାସଲ ପରେ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ବନ୍ଦରର ସମସ୍ତ ଅଧିକାରୀ, କର୍ମଚାରୀ ଓ ବନ୍ଦର ବ୍ୟବହାରକାରି ସଂସ୍ଥା ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray